ବର୍ଷ-୨୬, ସଂଖ୍ୟା-୩୧୮
ଭୁବନେଶ୍ୱର
ନଭେମ୍ବର, ୨୮, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 318
Bhubaneswar
November, 28, 2026, Saturday
Page-08, Rs.: 2.00

ମହାଭାରତ
Mahabharat

RNI Regd. No.: ODIODI2000/03863
Website : www.mahabharataepaper.com



ସୀମା ପୁନଃନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍‌କୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ





ନୂଆଦିଲ୍ଲୀ, ୨୭।୧୧(ମହାଭାରତ): ସଂସଦରେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ପାରିତ କରିବାକୁ କେନ୍ଦ୍ର ସରକାରଙ୍କ ବଡ଼ ନିଷ୍ପତ୍ତି। ଦେଶର ସମସ୍ତ ରାଜ୍ୟର ଲୋକସଭା ଆସନ ସଂଖ୍ୟା ୫୦% ଲେଖାଏ ବୃଦ୍ଧି କରିବାକୁ କେନ୍ଦ୍ର କ୍ୟାବିନେଟ ଦେଇଛି ଅନୁମତି।

ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ମୋହର ବାଜିଛି। ସମସ୍ତ ରାଜ୍ୟର ଆସନ ସଂଖ୍ୟା ୫୦% ଲେଖାଏ ବୃଦ୍ଧି ପାଇବାକୁ ଥିବାରୁ ଲୋକସଭାରେ ଆଉ କୌଣସି ରାଜ୍ୟର ପ୍ରତିନିଧିତ୍ୱ ହ୍ରାସ ପାଇବ ନାହିଁ। ପୂର୍ବଭଳି ଏହା ଅତୁଟ ରହିବ।ସିଟ୍ ବୃଦ୍ଧି ହେଲେ ସଂସଦରେ ପ୍ରତିନିଧିତ୍ୱ ଅନୁପାତ ହ୍ରାସ ପାଇବ ବୋଲି ଦକ୍ଷିଣ ଭାରତୀୟ ରାଜ୍ୟ ଗୁଡ଼ିକ ଆଶଙ୍କା କରିଥିଲେ। ଏହି କାରଣ ପାଇଁ ଡିଏମକେ ଭଳି ବିରୋଧୀ ଦଳ ଏପ୍ରିଲ ମାସରେ କେନ୍ଦ୍ର ସରକାର ଆଣିଥିବା ସୀମା ପୁନଃ ନିର୍ଦ୍ଧାରଣ ପାଇଁ ଆବଶ୍ୟକ ସମ୍ବିଧାନ ସଂଶୋଧନ ବିଲକୁ ସମର୍ଥନ କରିନଥିଲା।

ଦଳ ରାଜ୍ୟର ପ୍ରତିନିଧିତ୍ୱ ଦାବି ଉପସ୍ଥାପନ କରିଥିବାରୁ ଏବେ କେନ୍ଦ୍ର ସରକାର ସବୁ ରାଜ୍ୟ ପାଇଁ ୫୦% ଆସନ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ନଭେମ୍ବର ୩୦ରେ ବସିବାକୁ ଥିବା ଲୋକସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନରେ ସୀମା ପୁନଃ ନିର୍ଦ୍ଧାରଣ ବିଲକୁ ଡିଏମକେ ସମର୍ଥକ କରିବା ଏକପ୍ରକାରର ନିଶ୍ଚିତ ହୋଇଛି।କେନ୍ଦ୍ର କ୍ୟାବିନେଟ ସବୁ ରାଜ୍ୟ ପାଇଁ ୫୦% ଆସନ ବୃଦ୍ଧି କରିଥିବା ବେଳେ ଆସନ୍ତା ୨୫ ବର୍ଷ ଅର୍ଥାତ ୨୦୫୧ ଯାଏ ଆସନ ସଂଖ୍ୟାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ମଧ୍ୟ ନିଷ୍ପତ୍ତି ନେଇଛନ୍ତି। ପରବର୍ତ୍ତୀ ସମୟରେ ଜନଗଣନା ହେଲା ସୀମା ପୁନଃ ନିର୍ଦ୍ଧାରଣ ଆଧାରରେ ଏହା ଲୋକସଭାର ଆସନ ସଂଖ୍ୟାକୁ ପ୍ରଭାବିତ କରିପାରିବ ନାହିଁ। ସରକାର ଏବେ ସଂଶୋଧିତ ସୀମା ପୁନଃ ନିର୍ଦ୍ଧାରଣ ଦ୍ୱାରା ମହିଳା ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଲାଗୁ କରିବେ। ନୂଆ ନିୟମ ଅଧୀନରେ ଆସନ୍ତା ୨୦୨୯ ଲୋକସଭା ନିର୍ବାଚନ ବେଳେ ସଂସଦରେ ୩୩% ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇ ରହିବ। ଆଜି କ୍ୟାବିନେଟରେ ପାରିତ ପ୍ରସ୍ତାବକୁ ସମ୍ବିଧାନ ସଂଶୋଧନ ବିଲ ମାଧ୍ୟମରେ ଆସନ୍ତା ୩୦ ତାରିଖରେ ଲୋକସଭାରେ ଉପସ୍ଥାପନ କରାଯିବ।

ଦକ୍ଷିଣ ରାଜ୍ୟଗୁଡ଼ିକର ଚିନ୍ତାକୁ ସରକାର ଦୂର କରିଥିବାରୁ ବିଜେପି ନେତୃତ୍ୱାଧୀନ ଏନଡିଏରେ ନଥିବା ଡିଏମକେ ଭଳି ଦଳଗୁଡ଼ିକ ଏହି ବିଧେୟକକୁ ସମର୍ଥନ କରିବାର ସମ୍ଭାବନା ରହିଛି। ୫୪୩ ଆସନ ବିଶିଷ୍ଟ ଲୋକସଭାରେ ସମ୍ବିଧାନ ସଂଶୋଧନ ବିଲ ପାରିତ କରିବାକୁ ୩୬୦ ସାଂସଦଙ୍କ ସମର୍ଥନ ଆବଶ୍ୟକ। ଏବେ ଗୃହର ୩ଟି ଆସନ ଖାଲି ପଡ଼ିଥିବା ବେଳେ ସଦସ୍ୟଙ୍କ ସଂଖ୍ୟା ରହିଛି ୫୪୦। କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ୩୨୦ ଜଣ ସାଂସଦ ରହିଛନ୍ତି। ତେଣୁ ମେଣ୍ଟ ବାହାରେ ଥିବା କିଛି ଦଳର ସାଂସଦଙ୍କ ସମର୍ଥନ ଯୋଗାଡ଼ରେ ଲାଗି ପଡ଼ିଛନ୍ତି ସରକାର। ଟିଏମସିର ୨୦ ଜଣ ବିଦ୍‌ରୋହୀ ସାଂସଦ ଏନସିପିଆଇରେ ସାମିଲ ହୋଇ ଏନଡିଏକୁ ସମର୍ଥନ କରିଛନ୍ତି। ଉଦ୍ଧବ ସେନାର ୬ ଜଣ ସାଂସଦ ମଧ୍ୟ ପଟ ବଦଳାଇଛନ୍ତି। ଅର୍ଥାତ ବିରୋଧୀ କ୍ୟାମ୍ପର ୨୬ ଜଣ ସାଂସଦ ଏବେ ଏନଡିଏ ସହ ରହିଛନ୍ତି। ତଥାପି ୩୬୦ ମ୍ୟାଜିକ ନମ୍ବର ଠାରୁ ଏହା କମ। ଏପରି ସ୍ଥିତିରେ ଏମକେ ଷ୍ଟାଲିନଙ୍କ ୨୨ ଜଣ ଓ ଶରଦ ପାୱାରଙ୍କ ଏନସିପିର ୮ ଜଣ ସାଂସଦ ପୂରା ସଂଖ୍ୟା ଖେଳରେ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି।

ସମର୍ଥନ ଯୋଗାଡ଼ରେ ଏନଡିଏ

ନୂଆଦିଲ୍ଲୀ, ୨୭।୧୧(ମହାଭାରତ): ସଂସଦର ସ୍ୱତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ସହ ଜଡ଼ିତ ସୀମା ପୁନଃ ନିର୍ଦ୍ଧାରଣ ବିଧେୟକକୁ ତାମିଲନାଡୁର ଡିଏମକେ ସମର୍ଥନ କରିବ କି ନାହିଁ, ତା'କୁ ନେଇ ଜାରି ରହିଛି ସସପେନ୍ସ।

କେନ୍ଦ୍ର ସରକାର ନଭେମ୍ବର ୩୦ରେ ଲୋକସଭାର ସ୍ୱତନ୍ତ୍ର ଦିନିକିଆ ଅଧିବେଶ ଡାକିଥିବା ବେଳେ ଡିଏମକେର ୨୨ ଜଣ ସାଂସଦଙ୍କ ଆଡ଼ିଜୁଖ୍ୟ ଉପରେ ସମସ୍ତଙ୍କ ନଜର ରହିଛି। ବିଲ ପାରିତ କରିବାକୁ ଏହି ୨୨ ଜଣ ସାଂସଦ କିଙ୍ଗ ମେକର ସାବ୍ୟସ୍ତ ହେବେ। ଡିଏମକେର ସମର୍ଥନ ଆଶାରେ କେନ୍ଦ୍ରରେ କ୍ଷମତାସୀନ ଏନଡିଏ ସଂସଦରେ ଏହାକୁ ପୁଣି ଉପସ୍ଥାପନ କରିବାକୁ ଯାଉଛି। ଏପରି ସ୍ଥିତିରେ ତାମିଲନାଡୁର କ୍ଷମତାସୀନ ବିଜୟଙ୍କ ଟିଭିକେ ମଧ୍ୟ ଡିଏମକେକୁ ଟାର୍ଗେଟ କରିଛି। ଏମକେ ଷ୍ଟାଲିନଙ୍କ ଡିଏମକେ ସଂସଦରେ ବିଜେପି ସହ ହାତ ମିଳାଇଥିବା ଟିଭିକେ ଅଭିଯୋଗ କରିବା ପରେ ଜବାବ ରଖିଛି ଷ୍ଟାଲିନଙ୍କ ଦଳ। ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗରେ ଡିଏମକେ କୌଣସି ସାଲିସ କରିବ ନାହିଁ। ଡିଏମକେ ପୂର୍ବଭଳି ସୀମା ପୁନଃ ନିର୍ଦ୍ଧାରଣ ସହ ଜଡ଼ିତ ୨ଟି ପ୍ରମୁଖ ଦାବିରେ କାଏମ ରହିଥିବା ନିଜେ ଷ୍ଟାଲିନ ସ୍ପଷ୍ଟ କରିଛନ୍ତି। ଦଳର ଦାବିକୁ ପୁଣି ଉପସ୍ଥାପନ କରି ଷ୍ଟାଲିନ ଦାବି କରିଛନ୍ତି ଯେ ଲୋକସଭାରେ ତାମିଲନାଡୁର ଆସନ ଭାଗ ୭.୧୮% ରହିଛି। ଲୋକସଭା ଆସନ ସଂଖ୍ୟା ବୃଦ୍ଧି ପାଇଲେ ମଧ୍ୟ ଏହି ଭାଗ କୌଣସିମ୍ରସକୁ ଗ୍ରହଣ କରାଯିବ ନାହିଁ। ୧୯୭୧ ଜନଗଣନା ଆଧାରରେ ସଂସଦରେ ରାଜ୍ୟଗୁଡ଼ିକର ଅନୁପାତ ଯାହା ରହିଛି, ତା'କୁ ଆଉ ୨୫ ବର୍ଷ ଯାଏ ସ୍ଥିର ରଖିବାକୁ ମଧ୍ୟ ଷ୍ଟାଲିନ ଦାବି କରିଛନ୍ତି। ସେ କହିଛନ୍ତି, "ଡିଏମକେ ଦୃଢ଼ ଭାବେ ନିଜର ଦୁଇ ଦାବିରେ କାଏମ ରହିଛି ଓ ଆଗକୁ ମଧ୍ୟ ଏହି ଦାବିରୁ ଓହରିବ ନାହିଁ। ଆମ ଆଭିମୁଖ୍ୟରେ କୌଣସି ପ୍ରକାରର ପରିବର୍ତ୍ତନ ହୋଇନାହିଁ। ସାଲିସର କୌଣସି ପ୍ରଶ୍ନ ହିଁ ନାହିଁ।

ସୀମା ନିର୍ଦ୍ଧାରଣର ପରିଣାମ ସମ୍ପର୍କରେ ଡିଏମକେ ହିଁ ପ୍ରଥମ ଦଳ ପାଇଁ ଚିନ୍ତା ପ୍ରକଟ କରିଥିଲା। ଗଣମାଧ୍ୟମରେ ବୁଲୁଥିବା ଆକଳନ କିମ୍ବା ଧୋକାବାଜଙ୍କ କୌଣସି ପ୍ରଚାର ଆମ ଆଭିମୁଖ୍ୟକୁ ପରିବର୍ତ୍ତନ କରିପାରିବ ନାହିଁ। ଯେଉଁମାନେ କ୍ଷମତା ପାଇଁ ନିଜର ନୀତକୁ ପରିତ୍ୟାଗ କରିଛନ୍ତି, ସେଭଳି ଲଜ୍ଜାହୀନ ଓ ଅକୃତଜ୍ଞମାନେ ଏହା ବୁଝିବା ଦରକାର।" ୫୪୩ ଆସନ ବିଶିଷ୍ଟ ଲୋକସଭାରେ ସମ୍ବିଧାନ ସଂଶୋଧନ ବିଲ ପାରିତ କରିବାକୁ ୩୬୦ ସାଂସଦଙ୍କ ସମର୍ଥନ ଆବଶ୍ୟକ। ଏବେ ଗୃହର ୩ଟି ଆସନ ଖାଲି ପଡ଼ିଥିବା ବେଳେ ସଦସ୍ୟଙ୍କ ସଂଖ୍ୟା ରହିଛି ୫୪୦। କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ୩୨୦ ଜଣ ସାଂସଦ ରହିଛନ୍ତି। ତେଣୁ ମେଣ୍ଟ ବାହାରେ ଥିବା କିଛି ଦଳର ସାଂସଦଙ୍କ ସମର୍ଥନ ଯୋଗାଡ଼ରେ ଲାଗି ପଡ଼ିଛନ୍ତି ସରକାର। ଟିଏମସିର ୨୦ ଜଣ ବିଦ୍‌ରୋହୀ ସାଂସଦ ଏନସିପିଆଇରେ ସାମିଲ ହୋଇ ଏନଡିଏକୁ ସମର୍ଥନ କରିଛନ୍ତି। ଉଦ୍ଧବ ସେନାର ୬ ଜଣ ସାଂସଦ ମଧ୍ୟ ପଟ ବଦଳାଇଛନ୍ତି। ଅର୍ଥାତ ବିରୋଧୀ କ୍ୟାମ୍ପର ୨୬ ଜଣ ସାଂସଦ ଏବେ ଏନଡିଏ ସହ ରହିଛନ୍ତି। ତଥାପି ୩୬୦ ମ୍ୟାଜିକ ନମ୍ବର ଠାରୁ ଏହା କମ। ଏପରି ସ୍ଥିତିରେ ଏମକେ ଷ୍ଟାଲିନଙ୍କ ୨୨ ଜଣ ଓ ଶରଦ ପାୱାରଙ୍କ ଏନସିପିର ୮ ଜଣ ସାଂସଦ ପୂରା ସଂଖ୍ୟା ଖେଳରେ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି। ଯଦି ଏପ୍ରିଲ ମାସର ବିଧେୟକରେ ଥିବା ବ୍ୟବସ୍ଥା ଅନୁସାରେ ଏହାକୁ ଉପସ୍ଥାପନ କରାଯାଏ, ତା'ହେଲେ ଡିଏମକେ ଏହାକୁ ସମର୍ଥନ କରିନପାରେ।

ବଢ଼ିଲା ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ମାସିକ ପାରିଶ୍ରମିକ

ଅବସରକାଳୀନ ସହାୟତା ୩ଗୁଣ ବୃଦ୍ଧି, ଆନ୍ଦୋଳନରୁ ଓହରିଲେ

ଭୁବନେଶ୍ୱର, ୨୭।୧୧(ମହାଭାରତ): ବିଭିନ୍ନ ଦାବି ନେଇ ବିଧାନସଭା ସମ୍ମୁଖ ଲୋଏର ପିଏମଜିଠାରେ ଆନ୍ଦୋଳନରତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ପାଇଁ ଖୁସି ଖବର। ରାଜ୍ୟର ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ମାସିକ ପାରିଶ୍ରମିକ ବୃଦ୍ଧି ସହ ମୃତ୍ୟୁକାଳୀନ ଓ ଅବସରକାଳୀନ ଆର୍ଥିକ ସହାୟତା ରାଶିରେ ଆଜି



ବଡ଼ଧରଣର ବୃଦ୍ଧି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଆଉ ସରକାରଙ୍କ ଏହି ଘୋଷଣା ପରେ ଆନ୍ଦୋଳନରତ ଅଙ୍ଗନବାଡ଼ି କର୍ମୀ ଓ ସହୟିକାମାନେ ନିଜର ଆନ୍ଦୋଳନରୁ ଓହରିବେ ବୋଲି ଜଣାପଡ଼ିଛି। ଯଦିଓ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା ହୋଇନାହିଁ ତଥାପି ସେମାନେ ସରକାରଙ୍କ ନିଷ୍ପତ୍ତିରେ ଖୁସି ଥିବା ପ୍ରତିକ୍ରିୟା ଦେଇଛନ୍ତି। ଏହାସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହିଳା ଓ ଶିଶୁ ବିକାଶ ବିଭାଗର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ରାଜ୍ୟର ମହିଳା ଓ ଶିଶୁମାନଙ୍କ ସାମଗ୍ରିକ ବିକାଶ, ପୁଷ୍ଟି ସାଧନ ଓ ବିଭାଗୀୟ କାର୍ଯ୍ୟଧାରାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଏକ ବିସ୍ତୃତ ରୂପରେଖ ପ୍ରସ୍ତୁତ କରାଯାଇଛି।

ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ପରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଅଙ୍ଗନବାଡ଼ି କର୍ମୀମାନେ ପୂର୍ବରୁ ପାଉଥିବା ୧୦ହଜାର ଟଙ୍କା ପରିବର୍ତ୍ତେ ଏଣିକି ମାସିକ ୧୨ହଜାର ଟଙ୍କା ପାରିଶ୍ରମିକ ପାଇବେ।

ଅଙ୍ଗନବାଡ଼ି ସହାୟିକାମାନଙ୍କ ମାସିକ ପାରିଶ୍ରମିକ ୫ହଜାରରୁ ୬ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ଅନୁକମ୍ପାମୂଳକ ମୃତ୍ୟୁକାଳୀନ ସହାୟତା ରାଶିକୁ ୨ରୁ ୪ ଲକ୍ଷ ଟଙ୍କା ଏବଂ ଅବସରକାଳୀନ ଏକକାଳୀନ ଆର୍ଥକ ସହାୟତା ରାଶିରେ ମଧ୍ୟ ତିନିଗୁଣ ବୃଦ୍ଧି କରାଯାଇଛି। ଅବସରକାଳୀନ ଏକକାଳୀନ ସହାୟତା ଅଙ୍ଗନବାଡ଼ି କର୍ମୀମାନଙ୍କ ପାଇଁ ୧ ଲକ୍ଷରୁ ୩ଲକ୍ଷ ଟଙ୍କା ଓ ସହାୟିକାମାନଙ୍କ ପାଇଁ ୫୦ ହଜାରରୁ ବଢ଼ାଇ ଦେଢ଼ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

ଏହା ବ୍ୟତୀତ ବିଭିନ୍ନ ଯୋଜନା ଅଧୀନରେ ମିଳୁଥିବା ବାର୍ଷିକ ଆର୍ଥକ ପ୍ରୋତ୍ସାହନ ରାଶି ପୂର୍ବଭଳି ଜାରି ରହିବ ବୋଲି ମନ୍ତ୍ରୀ ଶ୍ରୀମତୀ ପରିଡ଼ା ସ୍ପଷ୍ଟ କରିଛନ୍ତି। ଏହାସହ ତୃଣମୂଳ ସ୍ତରରେ ମହିଳା, ଶିଶୁ ଓ ଗର୍ଭବତୀ ମା'ମାନଙ୍କ ସେବା ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପାଇଁ ଅଧିକ ଦିନ ଅନୁପସ୍ଥିତ ନରହି କାର୍ଯ୍ୟରେ ଯୋଗଦେବାକୁ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଅନୁରୋଧ କରାଯାଇଛି। ରାଜ୍ୟର ମହିଳା ଓ ଶିଶୁମାନଙ୍କ ପୁଷ୍ଟି, ସ୍ୱାସ୍ଥ୍ୟ ଓ ସାମଗ୍ରିକ ବିକାଶରେ ଅଙ୍ଗନବାଡ଼ି କର୍ମୀମାନଙ୍କ ନିଷ୍ଠା, ପରିଶ୍ରମ ଓ ସେବା ମନୋଭାବକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକୃତିକ୍ରମେ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

ପୋଷଣ ଟ୍ରାକର ଓ ଏନଏଫଏଚଏସ ରିପୋର୍ଟକୁ ଗୁରୁତ୍ୱ ଦିଅ : ମୁଖ୍ୟମନ୍ତ୍ରୀ

ଅଙ୍ଗନବାଡ଼ି କର୍ମୀ ମୂଳ କାମକୁ ପ୍ରାଧାନ୍ୟ ଦିଅନ୍ତୁ , ନିୟମିତ ସେବା ରେକର୍ଡ ଯାଞ୍ଚ ହେବ

ଭୁବନେଶ୍ୱର, ୨୭।୧୧(ମହାଭାରତ): ରାଜ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ସମସ୍ୟା ତଥା ଅଙ୍ଗନବାଡ଼ି କର୍ମୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧାର ସମାଧାନ ଏବଂ ଶିଶୁମାନଙ୍କ ସାମଗ୍ରିକ ବିକାଶକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟତଃ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ସମସ୍ୟା, ଅଙ୍ଗନବାଡ଼ି କର୍ମୀଙ୍କ ବିଭିନ୍ନ ଦାବି ଓ ଅସୁବିଧା, ସେମାନଙ୍କର ବର୍ତ୍ତମାନର କାର୍ଯ୍ୟଧାରା ଓ ଗତିବିଧି, ପୋଷଣ କାର୍ଯ୍ୟକ୍ରମ, ଗୋଷ୍ଠୀ ସହଭାଗିତା ସମେତ ଶିଶୁମାନଙ୍କ ବିଭିନ୍ନ ସମସ୍ୟା ଓ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

ବୈଠକରେ ସମସ୍ତ ବିଷୟକୁ ଗମ୍ଭୀରତାର ସହ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ, ରାଜ୍ୟରେ ଶିଶୁମାନଙ୍କ କ୍ଷେତ୍ରରେ ଦେଖାଯାଉଥିବା 'ଷ୍ଟଣ୍ଟିଂ' ବା ବୟସ ଅନୁସାରେ ଉଚ୍ଚତା କମ୍ ରହିବା) ଏବଂ 'ୱେଷ୍ଟିଂ' ବା ଉଚ୍ଚତା ଅନୁସାରେ ଓଜନ କମ୍ ରହିବା) ସ୍ଥିତିରେ ଉନ୍ନତି ଆଣିବା ପାଇଁ ବିଭାଗକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଯେପରି ପ୍ରତିଦିନ ନିୟମିତ ଭାବେ ଖୋଲା ରହେ, ତାହା ସୁନିଶ୍ଚିତ କରିବାକୁ ସେ କହିଛନ୍ତି। ତୃଣମୂଳ ସ୍ତରରେ କାର୍ଯ୍ୟର ଯାଞ୍ଚ କରିବା ପାଇଁ ରାଜ୍ୟ ଏବଂ ଜିଲ୍ଲା ସ୍ତରରୁ ଅଧିକ ସଂଖ୍ୟକ ଟିମ୍ ପଠାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସୁପରଭାଇଜର ଏବଂ ସିଡିପିଓ ମାନେ ନୈମିକ ଭିତ୍ତିରେ ସମୀକ୍ଷା କରି ପ୍ରତିଦିନର ସ୍ଥିତି ରିପୋର୍ଟ ପ୍ରଦାନ କରିବାକୁ ସେ କହିଛନ୍ତି। ଅଙ୍ଗନବାଡ଼ି କର୍ମୀ ଓ ସୁପରଭାଇଜରମାନଙ୍କୁ ସଠିକ୍ ଭାବେ ରିଫ୍‌ରେସର ତାଲିମ ପ୍ରଦାନ କରିବା ସହ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ନିଜସ୍ୱ ଉଦ୍ୟମରେ କ୍ଷେତ୍ର ପରିଦର୍ଶନ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଗୁଣାତ୍ମକ ଶିକ୍ଷା ଓ ସେବା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଙ୍ଗନବାଡ଼ି କର୍ମୀମାନେ ନିଜର ସାକ୍ଷରତା ହାର ବୃଦ୍ଧି କରିବା ସହ କୁନି କୁନି ଶିଶୁମାନଙ୍କୁ ଶିକ୍ଷାଦାନ କରିବାର ଶୈଳୀରେ ଉନ୍ନତି ଆଣିବା ଆବଶ୍ୟକ। 'ପୋଷଣ ଟ୍ରାକର'କୁ ନିୟମିତ ଭାବେ



ତଦାରଖ କରିବା ଏବଂ ଏହାର ତଥ୍ୟକୁ ସକାରାତ୍ମକ ଭାବେ ବଜାୟ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି 'ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ' ରିପୋର୍ଟକୁ ସଠିକ୍ ଭାବେ ଅନୁଧ୍ୟାନ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ କୁହାଯାଇଛି। ଜନସେବା କ୍ଷେତ୍ରରେ କୌଣସି ପ୍ରକାର ଆଦେଶ ଅମାନ୍ୟ ନ କରିବାକୁ କଡ଼ା ତାଗିଦ କରିବା ସହ ସୁପରଭାଇଜରମାନେ ନିୟମିତ ଭାବେ ସେବା ରେକର୍ଡ ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତମ କାର୍ଯ୍ୟପାଇଁ କର୍ମୀମାନଙ୍କୁ ଉତ୍ସାହିତ କରାଯିବା ଉଚିତ ବୋଲି ସେ ବୈଠକରେ କହିଛନ୍ତି।ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ତୃଣମୂଳ ସ୍ତରର ରିପୋର୍ଟ ପ୍ରଥମେ ସିଡିପିଓ ମାନଙ୍କ ନିକଟକୁ ଯିବ ଏବଂ ସିଡିପିଓମାନେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବେ। ଏହାକୁ ଆଧାର କରି ପରବର୍ତ୍ତୀ ପରାମର୍ଶ ଓ ପଦକ୍ଷେପ ଗ୍ରହଣ କରାଯିବ। ଅଙ୍ଗନବାଡ଼ି କର୍ମୀମାନେ ସେମାନଙ୍କର ମୂଳ କାର୍ଯ୍ୟକୁ ସଠିକ୍ ଭାବେ ସମ୍ପାଦନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ପୋଷଣ ସହାୟତା ପାଇଁ ''ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ମାଧ୍ୟମରେ ଅତିରିକ୍ତ ପୋଷଣ ସହାୟତା ଯୋଗାଇ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ଏହି ଅବସରରେ ରାଜ୍ୟର ଅଙ୍ଗନବାଡ଼ି କର୍ମୀମାନଙ୍କ ସମସ୍ତ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନେକ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ କାର୍ଯ୍ୟ କରିବାରେ ଅସୁବିଧା ହେଉଥିବା ଦୃଷ୍ଟିରୁ 'ସମୃଦ୍ଧ ଅଙ୍ଗନବାଡ଼ି କେନ୍ଦ୍ର' ଯୋଜନା ଅଧୀନରେ ଉପଯୁକ୍ତ ଗୃହ ନିର୍ମାଣ କରାଯିବ ଏବଂ ଏ ଦିଗରେ ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଅଙ୍ଗନବାଡ଼ି କର୍ମୀଙ୍କ ବିକାଶ ଏବଂ ଅଙ୍ଗନବାଡ଼ି କାର୍ଯ୍ୟର ସୁପରିଚାଳନା ପାଇଁ ରାଜ୍ୟ ସରକାର ସମସ୍ତ ସମ୍ଭାବ୍ୟ ସୁବିଧା ସୁଯୋଗ ଯୋଗାଇ ଦେବେ ବୋ



ଜୀବନଚର୍ଯ୍ୟା



ବେସନ ବର୍ଫି

ଆବଶ୍ୟକ ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧୂମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



..... ପରଦା ଖବର .....

ଗୀତା ମାହାତ୍ମ୍ୟ: ସ୍ୱଧର୍ମ କଲ୍ୟାଣକର



ଜୀବ ଅନାସକ୍ତ ହୋଇ ଈଶ୍ୱରଙ୍କଠାରେ ସମସ୍ତ କର୍ମ ଅର୍ପଣ କରି କର୍ମକରନ୍ତି ସେ ବ୍ୟକ୍ତି ନଷ୍ଟ ହୋଇଯାଆନ୍ତି ବୋଲି ଭଗବାନ କହିଛନ୍ତି । ଆସକ୍ତିଯୁକ୍ତ ମନୁଷ୍ୟକୁ ମୂର୍ଖ ଓ ମୂଢ଼ ବୋଲି ମଧ୍ୟ ଭଗବାନ ମତ ଦେଇଛନ୍ତି। ସମସ୍ତ ବ୍ୟକ୍ତି ନିଜ ସ୍ୱଭାବର ବଶବର୍ତ୍ତୀ ହୋଇ କର୍ମ କରନ୍ତି । କିନ୍ତୁ ଜ୍ଞାନବାନ୍ ବ୍ୟକ୍ତିମାନେ ନିଜ ପ୍ରକୃତି ଅନୁସାରେ କର୍ମ କରନ୍ତି । ଇନ୍ଦ୍ରିୟ ମଧ୍ୟରେ ରୋଗ ଓ ଦ୍ୱେଷ ଲୁଚି ରହିଥିବାରୁ ମନୁଷ୍ୟ ଇନ୍ଦ୍ରିୟ କବଳରୁ ମୁକ୍ତ ହେବା ସହ ରୋଗ ତଥା ଦ୍ୱେଷରୁ ମୁକ୍ତ ରହିବା ଆବଶ୍ୟକ । କାରଣ ରୋଗ ଓ ଦ୍ୱେଷ ମନୁଷ୍ୟର କଲ୍ୟାଣମାର୍ଗରେ ବିଘ୍ନ ସୃଷ୍ଟିକରେ ଓ ଏହା ମଣିଷର ବିରାଟ ଶତ୍ରୁ ବୋଲି ଭଗବାନ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି । ଏହା ସହ କହିଛନ୍ତି: ସ୍ୱଧର୍ମ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହ ଅର୍ଥାତ୍ ଅନ୍ୟର ଧର୍ମଠାରୁ ନିଜ ଧର୍ମ ଗୁଣରହିତ ହେଲେ ମଧ୍ୟ ସ୍ୱଧର୍ମ ଅଧିକ ମଙ୍ଗଳକାରୀ । ସ୍ୱଧର୍ମ ପାଳନରେ ମୃତ୍ୟୁ ବି କଲ୍ୟାଣକର କିନ୍ତୁ ଅନ୍ୟଧର୍ମ ଭୟାବହ ବା ଭୟଙ୍କର କ୍ଷତିକାରକ ବୋଲି ଭଗବାନ ମତ ଦେଇଛନ୍ତି । ବ୍ୟାଖ୍ୟା କଲେ ଏହା ସ୍ପଷ୍ଟ ଯେ, ନିଜ କର୍ମ ସବୁ ସମୟରେ କଲ୍ୟାଣଜନକ ଓ ଅନ୍ୟର କର୍ମକୁ ଲୋଭ, ମୋହବଶତଃ ଅପଣେଇ ନେବା ଭୟାବହ ବା କ୍ଷତିକାରକ । ଭଗବାନଙ୍କର ଏପରି କଥା ଶୁଣି ଅର୍ଜୁନ ପ୍ରଶ୍ନ କଲେ, ମନୁଷ୍ୟ ସ୍ୱୟଂ ଇଚ୍ଛା ନକରି ବି କାହାଦ୍ୱାରା ପ୍ରେରିତ ହୋଇ ପାପ ଆଚରଣ କରେ ? ଭଗବାନ ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଥିଲେ ଯେ, 'ରଜୋଗୁଣରୁ ଉତ୍ପନ୍ନ ହୁଏ କାମ ଓ କ୍ରୋଧ । ଯେତେ ଭୋଗ କଲେ ବି କାମ ବା କାମନାର ବିନାଶ ହୁଏନାହିଁ । ତେଣୁ ଏହି କାମ ବା କାମନା ହିଁ ମଣିଷର ଆଉ ଏକ ବଡ଼ ଶତ୍ରୁ ଅଟେ' । ଏଥିସହ ଭଗବାନ ଅର୍ଜୁନଙ୍କୁ ପୁନର୍ବାର କହିଛନ୍ତି, 'ଅଗ୍ନି ଯେପରି ଧୂଆଁ ଦ୍ୱାରା, ଦର୍ପଣ ଧୂଳି ଦ୍ୱାରା ଓ ଗର୍ଭ ଜରାୟୁ ଦ୍ୱାରା ଆବୃତ ହୋଇ ରହିଥାଏ ସେହିପରି ଜ୍ଞାନ, କାମ ବା କାମନା ଦ୍ୱାରା ଆବୃତ ହୋଇ ରହିଥାଏ' । 'ଇନ୍ଦ୍ରିୟ, ମନ ଓ ବୁଦ୍ଧି କାମର ବାସସ୍ଥାନ ହୋଇଥିବାରୁ ମନ, ବୁଦ୍ଧି ଏବଂ ଇନ୍ଦ୍ରିୟ ଜ୍ଞାନକୁ ଆଚ୍ଛାଦିତ କରି ଜୀବାତ୍ମାକୁ ବିମୋହିତ କରିଥାଏ । ଇନ୍ଦ୍ରିୟ ସ୍ଥୂଳ ଶରୀରଠାରୁ ଶ୍ରେଷ୍ଠ, ବଳିବାନ ଓ ସୂକ୍ଷ୍ମ ହୋଇଥିବା ବେଳେ ଇନ୍ଦ୍ରିୟଙ୍କ ଠାରୁ ମନ ଶ୍ରେଷ୍ଠ, ମନ ଠାରୁ ବୁଦ୍ଧି ଶ୍ରେଷ୍ଠ ଏବଂ ବୁଦ୍ଧି ଠାରୁ ଆତ୍ମା ଶ୍ରେଷ୍ଠ ହୋଇଥିବାରୁ ବୁଦ୍ଧି ଦ୍ୱାରା ମନକୁ ବଶ କରି କାମ ବା କାମନା ରୂପକ ଦୁର୍ଜୟ ଶତ୍ରୁକୁ ମାରିଦେବା ଉଚିତ' । ତେଣୁ ଇନ୍ଦ୍ରିୟ ଦ୍ୱାରା ବଶବର୍ତ୍ତୀ ହୋଇ ରହିଥିବା କାମନା, ଆସକ୍ତି, ମନକୁ ଜୟ କରି ନିରାସକ୍ତ ଭାବେ ନିଜ କର୍ତ୍ତବ୍ୟ କରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପରାମର୍ଶ ଦେଇଛନ୍ତି ।

ଗୋଲାପ ଝ' ପିଇଲେ ଚମକିବ ତ୍ୱଚ ,କମିବ ଓଜନ



ତ୍ୱଚର ଚମକ ପାଇଁ ଆପଣ ନିଜ ସ୍କିନ୍ ରୁଟିନରେ ଗୋଲାପ ଜଳ ପ୍ରୟୋଗ କରନ୍ତି । ଗୋଲାପ ଜଳରୁ ତ୍ୱଚକୁ ଅତ୍ୟଧିକ ଲାଭ ମିଳିଥାଏ। ତ୍ୱଚରେ ଗୋଲାପ ଲଗାଇବାର ତ ଅନେକ ଫାଇଦା ରହିଛି କିନ୍ତୁ ଯଦି ଆପଣ ଏହାକୁ ଖାଇବା ପାଇଁ ବ୍ୟବହାର କରୁଛନ୍ତି ତେବେ ମଧ୍ୟ ଆପଣଙ୍କୁ ଭରପୂର ଫାଇଦା ମିଳିଥାଏ। ଗୋଲାପ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲାଭ ହୋଇପାରେ। ଆମେ ସାଧାରଣତଃ ଗୋଲାପ ଜଳକୁ କସମେଟିକ୍ ରୂପକୁ ବ୍ୟବହାର କରିଥାଉ। କିନ୍ତୁ ଆଜି ଆମେ ଆପଣଙ୍କୁ ଗୋଲାପ ଝ' ବିଷୟରେ କହିବାକୁ ଯାଉଛୁ। ଗୋଲାପ ଝ' ଦ୍ୱାରା ଆପଣଙ୍କ ଶରୀରକୁ ଅନେକ ଲାଭ ମିଳିଥାଏ। ଓଜନ କମଠୁ ନେଇ ତ୍ୱଚରେ ଚମକ ଆଣିବାର କାମ କରୁଥିବା ଏହି ଝ ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

ସାକ୍ଷାତ ଓ ଜାଗ୍ରତ ଦେବତା ହନୁମାନ

ହନୁମାନଜୀଙ୍କ ଉପାସନା ଦ୍ୱାରା ସୁଖ, ଶାନ୍ତି ଓ ଆରୋଗ୍ୟ ଲାଭ ହୋଇଥାଏ। ଏହା ଦ୍ୱାରା ହନୁମାନଙ୍କ ଭକ୍ତଙ୍କୁ ମଧ୍ୟ ସମସ୍ୟା ଦେଖାଯାଇ ନ ଥାଏ। ଧର୍ମଶାସ୍ତ୍ରର ମାନ୍ୟତା ଅନୁଯାୟୀ ଏହି କଳିଯୁଗରେ ଶ୍ରୀରାମଭକ୍ତ ହନୁମାନ ଏପରି ଜଣେ ସାକ୍ଷାତ ଓ ଜାଗ୍ରତ ଦେବତା ଅଟନ୍ତି ଯିଏ କି ଟିକିଏ ପୂଜାରେ ବହୁତ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି ଓ ଭକ୍ତଙ୍କ କଷ୍ଟକୁ ମଧ୍ୟ ନିବାରଣ କରିଥାନ୍ତି। ହନୁମାନଙ୍କର ପ୍ରିୟ ପୂଜା ସାମଗ୍ରୀ ସହିତ ଜଡ଼ିତ ପ୍ରତିକାର କରି ଆପଣ ସବୁପ୍ରକାର କଷ୍ଟରୁ ମୁକ୍ତି ପାଇପାରିବେ।

ମଇଦା ଦୀପ: ଯଦି ଆପଣ ଆର୍ଥିକ ସଂକଟରେ ତଥା ଋଣ, କରଜରେ ଗତି କରୁଛନ୍ତି ତେବେ ଆପଣ ମଇଦାରେ



ତିଆରି ଚାରିପାଖିଆ ଦୀପରେ ଜସ୍ମିନ ତେଲ ଢାଳି ଏହାକୁ ଏକ ବାଦାମ ପତ୍ର ଉପରେ ରଖି ଜଳାନ୍ତୁ। ଏହିଭଳି ୫ ଟି ପତ୍ରରେ ୫ଟି ଦୀପକୁ ରଖି ହନୁମାନଙ୍କ ମନ୍ଦିରକୁ ନେଇ ଜାଳନ୍ତୁ। ଅତି କମରେ ଏହାକୁ ୧୧ ମଙ୍ଗଳବାର ପାଇଁ କରନ୍ତୁ। ଶନିବାରକୁ ହନୁମାନ ମନ୍ଦିରକୁ ଯାଇ ହନୁମାନଜୀଙ୍କୁ ଏହି ମଇଦା ଦୀପ ଲଗାଇବା ଦ୍ୱାରା ଶନିର କୋପ ଦୃଷ୍ଟିରୁ ଆପଣ ଦୂରେଇ ରହିବେ।

ସିନ୍ଦୁର ଚଢାନ୍ତୁ: ମଙ୍ଗଳବାର ଓ ଶନିବାର ଦିନ ହନୁମାନଜୀଙ୍କୁ ଘିଅ ସହିତ ସିନ୍ଦୁର ଅର୍ପଣ କରିବା ଦ୍ୱାରା ଭଗବାନ ଶ୍ରୀରାମଙ୍କ କୃପା ପ୍ରାପ୍ତ ହବା ସହି ଆପଣଙ୍କର ବିଗିଡ଼ିଥିବା କାର୍ଯ୍ୟ ମଧ୍ୟ ପୂରଣ ହୋଇଥାଏ। ମଙ୍ଗଳବାର ଦିନ ବ୍ରତ ରଖି ସିନ୍ଦୁର ଦ୍ୱାରା ହନୁମାନଙ୍କୁ ପୂଜା କରିବା ଏବଂ ହନୁମାନଙ୍କ ଚାଳିସା ପାଠ କରିବା ଦ୍ୱାରା ମଙ୍ଗଳ ଦୋଷ ଶାନ୍ତ ହୋଇଥାଏ। ସିନ୍ଦୁର ଲଗାଇବା ଦ୍ୱାରା ମନରେ ଏକାଗ୍ରତା ମଧ୍ୟ ବୃଦ୍ଧି ଓ ଦୂରଦୃଷ୍ଟି ବଢିଥାଏ। ଏହାଦ୍ୱାରା ମଧ୍ୟ ଜୀବନରେ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ।

ଯେଉଁ ବ୍ୟକ୍ତି ହନୁମାନଙ୍କୁ ଶନିବାର ସିନ୍ଦୂର ଅର୍ପଣ କରିଥାନ୍ତି, ତାଙ୍କର ସବୁ ମନସ୍କାମନା ମଧ୍ୟ ପୂରା ହୋଇଥାଏ।

ପତାକା ଉତ୍ତୋଳନ କର: ହନୁମାନ ମନ୍ଦିରରେ ପତାକା ଦା କରିବା ଦ୍ୱାରା ସର୍ବ ମନସ୍କାମନା ପୂର୍ଣ୍ଣ ହୋଇଥାଏ। କୌଣସି କାର୍ଯ୍ୟରେ ସଫଳତା ପ୍ରାପ୍ତି ପାଇଁ ଅଥବା ଶତ୍ରୁମାନଙ୍କ ଠାରୁ ବିଜୟ ଲାଭ ପାଇଁ ହନୁମାନଙ୍କ ଲାଲ କିମ୍ବା ସାଫ୍ରନ ରଙ୍ଗର ପତାକା ଅର୍ପଣ କରାଯାଇଥାଏ। ପତାକା ଉତ୍ତୋଳନ କରୁଥିବା ବ୍ୟକ୍ତିର ମଧ୍ୟ ମାନ ସମ୍ମାନ ବଢିଥାଏ ଓ ତାଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ମଧ୍ୟ ପଦୋନ୍ନତି ପାଆନ୍ତି। ରାମ ନାମ ଲେଖା ଯାଇଥିବା ତ୍ରିକୋଣୀୟ ଝଣ୍ଡା ସମସ୍ତ ପ୍ରକାର ସମ୍ପତି ସମ୍ବନ୍ଧୀୟ ସମସ୍ୟାରୁ ଦୂର କରିଥାଏ।

କର୍ମ ଓ ପ୍ରେରଣା



ଅନେକ ଦିନ ତଳର କଥା। ଜଣେ ସାଧୁ ଥିଲେ । ନାମ ରାମାନନ୍ଦ। ସେ ଥିଲେ ଜଣେ ଉତ୍ତମ ଭକ୍ତ। ସ୍ୱାମୀ ରାମାନନ୍ଦଙ୍କର ଅନେକ ଶିଷ୍ୟ ଓ ଭକ୍ତ ଥିଲେ। ସେମାନେ ମଧ୍ୟ ତାଙ୍କୁ ସୁନା,ରୁପା ଭେଟି ଦେଉଥିଲେ। ସ୍ୱାମିଜୀ ସ୍ଥିର କଲେ ଯଥେଷ୍ଟ ଅର୍ଥ ଜମା ହେବାପରେ ସେ ଗରିବ ଲୋକଙ୍କ ସକାଶେ ଗୋଟାଏ ଦାତବ୍ୟ ଚିକିତ୍ସାଳୟ ଖୋଲିବେ । ଥରେ ନିଜର ଜଣେ ଶିଷ୍ୟ ଆଦିତ୍ୟକୁ ଧରି ବଣୁଆ ରାସ୍ତାଦେଇ ଯାଉଥାନ୍ତି। ବାଟରେ ସ୍ୱାମୀଜୀଙ୍କୁ ଆଦିତ୍ୟ ପଚାରିଲା "ଗୁରୁଦେବ ! କୁରୁ-ପାଣ୍ଡବ ଯୁଦ୍ଧରେ ଲଢ଼ିଲେ ଅର୍ଜୁନ। ଶ୍ରୀକୃଷ୍ଣ କେବଳ ତାକୁ ଉପଦେଶ ଦେଉଥିଲେ। ତେବେ ଯୁଦ୍ଧରେ ପାଣ୍ଡବଙ୍କ ବିଜୟଲାଭ ପାଇଁ ସମସ୍ତେ ଶ୍ରୀକୃଷ୍ଣଙ୍କୁ କାହିଁକି ଅଭିନନ୍ଦନ ଜଣାନ୍ତି। ଠିକ୍ ସମୟରେ ଉତ୍ତର ଦେବି କହି ଆଗକୁ ଅଗ୍ରସର ହେଲେ। ଖଣ୍ଡିଏ ଟାଣୁଆ ଲାଠି ସଂଗ୍ରହ ପାଇଁ ସ୍ୱାମୀଜୀ ଆଦିତ୍ୟକୁ କହିଲେ। ଆଦିତ୍ୟ ଏକ ଲାଠି ସଂଗ୍ରହ କଲା ଏବଂ ଗୁରୁଶିଷ୍ୟ ଆଗକୁ ଯାଉ ଯାଉ ରାସ୍ତାରେ ଡ଼ାକୁମାନେ ବନ୍ଧୁକ ଧରି କହିଲେ ପାଖରେ ଯାହା ଟଙ୍କା ସୁନାଅଛି ଦେଇଦିଅ । ନ ହେଲେ ଗୁଳିରେ ମୁଣ୍ଡ ଉଡ଼ାଇ ଦେବି।

ସ୍ୱାମିଜୀ କହିଲେ ବାବୁ ଏହା ଗରିବ ଲୋକଙ୍କ ଉପକାର ପାଇଁ ସଂଚିଥିଲି। ତୁମେ ଏମିତି ଛଡ଼ାଇ ନେବା କ'ଣ ଭଲ ହେବ ?" ଡ଼ାକୁମାନେ କିଛି ନ ଶୁଣି ଟଙ୍କା ଥଳିଟି ଛଡ଼ାଇ ନେଲେ। ସ୍ୱାମିଜୀ କହିଲେ ଟଙ୍କା ପଇସା ତନେଲ ମୋତେ କାହିଁକି ବଞ୍ଚାଇ ରଖିଛ। ମୋତେ ମାରିଦେଇ ଦୁଃଖରୁ ମୁକ୍ତି ଦିଅ। ଡ଼ାକୁମାନେ କହିଲେ ଏହା କ'ଣ ସତ ବନ୍ଧୁକ ହୋଇଛି ଯେ, ମୁଁ ତୁମକୁ ମାରିବି ? ସ୍ୱାମିଜୀ କହିଲେ ମୋ ସନ୍ଦେହ ଠିକ୍। ଆଦିତ୍ୟ ! ଆଉ ବିଳମ୍ବ ନକରି ଶକ୍ତି ଦେଖାଅ। ସଙ୍ଗେ ସଙ୍ଗେ ଆଦିତ୍ୟ ତା'ଲାଠି ଡ଼ାକୁ ପିଠିରେ ବସାଇଦେଲା। ଡ଼ାକୁ ତଳେ ପଡ଼ିଗଲା।

ସ୍ୱାମିଜୀ କହିଲେ, "ବାବୁ ମୋ ଅନୁରୋଧ ରକ୍ଷା କରିଥିଲେ ତୁମର ଏ ଦୁର୍ଦ୍ଦଶା ହୋଇ ନଥାନ୍ତା। ଡ଼ାକୁ ବନ୍ଧା ହୋଇ ଜୁଲୁଜୁଲୁ କରି ସେମାନଙ୍କ ଗତି ପଥକୁ ଅନାଇ ରହିଲା। କିଛିବାଟ ଯିବା ପରେ ଆଦିତ୍ୟ କହିଲା, "ଗୁରୁଦେବ! ଧନ୍ୟ ଆପଣଙ୍କ ଦୂରଦୃଷ୍ଟି ଓ ବୁଦ୍ଧି। ଆପଣଙ୍କ କଥା ଶୁଣି ଲାଠି ସଂଗ୍ରହ କରି ନ ଥିଲେ ଆଜି ସବୁ ଯାଇଥିଲା। ପୁଣି ଆପଣ ଡ଼ାକୁକୁ ବି ବୋକା ବନେଇଦେଲେ ! "କିନ୍ତୁ ଲାଠି ଚଳାଇଲୁ ତ ତୁ !" ସ୍ୱାମିଜୀ କହିଲେ। "କିନ୍ତୁ ଆପଣ ନ ଥିଲେ ମୁଁ କ'ଣ ତାହା କରିଥାନ୍ତି ?" ଆଦିତ୍ୟ କହିଲା। "ଏଥର ଶ୍ରୀକୃଷ୍ଣଙ୍କ ତାତ୍ପର୍ଯ୍ୟ ବୁଝିଲୁ ତ ? ସ୍ୱାମିଜୀ ବୁଝାଇଦେଲେ ଆଦିତ୍ୟ ତୃପ୍ତ ହେଲା।

ମଣିଷ ଭଳି ଆଚରଣ ଜରୁରୀ

ଋଗବେଦ୍‌ରେ ଏକ ମନ୍ତ୍ର ରହିଛି- ମନୁର୍ଭବ ଅର୍ଥାତ୍ ମନୁଷ୍ୟ ହୁଅ । ବୈଦିକ ବିଦ୍ୱାନ ବେଦମୂର୍ତ୍ତି ପଣ୍ଡିତ ସାତ୍‌ବଲେକର୍ ଏକ ସଭାରେ ଏହି ମନ୍ତ୍ର ଦୋହରାଇଥିଲେ । ଏହି ସମୟରେ ତାଙ୍କୁ ଜଣେ ସଜ୍ଜନ ପଚାରିଲେ, ସଭାରେ



ଉପସ୍ଥିତ ସମସ୍ତ ଶ୍ରୋତା କ'ଣ ମନୁଷ୍ୟ ନୁହନ୍ତି ? ପଣ୍ଡିତଜୀ କହିଲେ, ସମସ୍ତ ଜୀବଙ୍କର କିଛି ନା କିଛି ଲକ୍ଷଣ ରହିଛି । ଯଦି ମାନବତା ନାହିଁ, ତା'ହେଲେ କେହି କିପରି ମନୁଷ୍ୟ ହୋଇପାରିବ ? ଲକ୍ଷଣ ବା ଆଚରଣ ଆଧାରରେ ହିଁ ସୁର ଏବଂ ଅସୁର ମଧ୍ୟରେ ପ୍ରଭେଦ ଜାଣି ହୋଇଥାଏ ।

ସ୍ୱାମୀ ବିବେକାନନ୍ଦ ଆମେରିକା ଯାଇଥିଲେ । ଭୋଗ-ବିଳାସରେ ଆକଣ୍ଠ ବୁଡ଼ି ରହିଥିବା ସେଠାକାର ଲୋକମାନଙ୍କ ସାର୍ବଜନୀନ ସ୍ଥଳରେ ମର୍ଯ୍ୟାଦାହୀନ ଭାବେ ଖୋଲା ପ୍ରଦର୍ଶନ ଦେଖି ସେ ହତପ୍ରଭ ହୋଇ ଉଠିଥିଲେ । ଆମେରିକାରେ ଉଦ୍‌ବୋଧନ ଦେବା ସମୟରେ ଋଗ୍‌ବେଦର 'ମନୁର୍ଭବ' ମନ୍ତ୍ରର ଉଚ୍ଚାରଣ କରି ବିବେକାନନ୍ଦ କହିଲେ, କେବଳ ମାନବ ଭାବେ ଜନ୍ମ ନେଲେ କେହି ମାନବ ହୋଇପାରିବ ନାହିଁ । ଭାରତୀୟ ସଂସ୍କୃତି 'ଧର୍ମଣ ହୀନଃ ପଶୁଭି ସମାନଃ'ର ବାର୍ତ୍ତା ଦେଇଥାଏ । କେତେକ ନିର୍ଦ୍ଦିଷ୍ଟ ନିୟମ ପାଳନ କରୁଥିବା ଲୋକକୁ ହିଁ ମାନବ କୁହାଯାଇପାରିବ । ଏହାର ଉଦାହରଣ ଦେଇ ବିବେକାନନ୍ଦ କହିଥିଲେ, ମାନବ ହୃଦୟରେ ସର୍ବଦା ଦୟା, କରୁଣା ରହିବା ଆବଶ୍ୟକ । ମାନବ ସଂଯମୀ ହେବା ଉଚିତ୍ । ଯିଏ ନିଜର ଧର୍ମ ଅର୍ଥାତ୍ କର୍ତ୍ତବ୍ୟ ପାଳନ କରିନଥାଏ, ତା'କୁ ମାନବ କୁହାଯାଇ ପାରିବ ନାହିଁ । ସ୍ୱାମୀ ରାମତୀର୍ଥ ମଧ୍ୟ କହିଥିଲେ, ଗୁଣ ଏବଂ କର୍ମ ଆଧାରରେ ହିଁ ମନୁଷ୍ୟକୁ ଏହି ଲୋକରେ ମାନବ ଅଥବା ଦାନବର ସଜ୍ଞା ମିଳିଥାଏ । ସେଥିପାଇଁ କାହାରିକୁ ଦୁଷ୍କର୍ମ କରୁଥିବା ଦେଖିଲେ ଆପେ ଆପେ ପାଟିରୁ ବାହାରି ଆସିଥାଏ, ଇଏତ' ପଶୁ ଠାରୁ ମଧ୍ୟ ବଳିଯାଇଛି ।

ମହାଭାରତ

ନଗରନକ୍ସା

ମହାନଗରର ନିଜ ଭାଷା

ଶନିବାର ୨୮ ନଭେମ୍ବର, ୨୦୨୬

ଓଡ଼ିଶାର ସେମିକଣ୍ଡକ୍ଟର ଓ ଚିପ୍ ଡିଜାଇନ୍ କ୍ଷେତ୍ରକୁ ନୂଆ ଗତି ଦେବ ଏଆରଏଫ ଡିଜାଇନ୍ ସେଂଟର

ବରମୁଣ୍ଡାରେ ଡିଜାଇନ୍ ସେଣ୍ଟର ଉଦଘାଟିତ

ଭୁବନେଶ୍ୱର, ୨୭।୧୧ (ମହାଭାରତ): ଓଡ଼ିଶାକୁ ଦେଶର ଏକ ପ୍ରମୁଖ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ହବ୍ ରେ ପରିଣତ କରିବା ଦିଗରେ ଆଉ ଏକ ମାଇଲଖୁଂଟ ଯୋଡ଼ି ହୋଇଛି । ଭୁବନେଶ୍ୱରସ୍ଥିତ ବରମୁଣ୍ଡା ବସ୍ତ୍ୱାଣ୍ଡ ପରିସରରେ ସେମିକଣ୍ଡକ୍ଟର ଡିଜାଇନ୍ କ୍ଷେତ୍ରରେ ଅଗ୍ରଣୀ କମ୍ପାନୀ ଏଆରଏଫ ଡିଜାଇନ୍ ପ୍ରାଇଭେଟ ଲିମିଟେଡ଼ର ନୂତନ ଡିଜାଇନ୍ ସେଂଟରର ଶୁଭ ଉଦ୍‌ଘାଟନ ହୋଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ ।

ଏହି ଡିଜାଇନ୍ ସେଂଟର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କମ୍ପାନୀକୁ ରିହାତି ଦରରେ ଜାଗା ଯୋଗାଇବା ସହ ଆବଶ୍ୟକୀୟ



ସହଯୋଗ ଓ ସୁବିଧା ଯୋଗାଇ ଦିଆଯାଇଛି । ଏହା ରାଜ୍ୟରେ ସେମିକଣ୍ଡକ୍ଟର ଡିଜାଇନ୍ ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ସହ ଉଚ୍ଚ ଦକ୍ଷତାସମ୍ପନ୍ନ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ।

ଏହି ଅବସରରେ ଡ଼. ମହାଲିଙ୍ଗ କହିଥିଲେ ଯେ, ଚିପ୍ ନିର୍ମାଣଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର ଡିଜାଇନ୍ ଓ ପ୍ୟାକେଜିଂ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଏହି ପ୍ରୟାସର ଫଳସ୍ୱରୂପ ରାଜ୍ୟକୁ ୫,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶ ଆସିଛି । ଏହା ରାଜ୍ୟର ଶିକ୍ଷାୟନ, ବୈଷୟିକ ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୃଷ୍ଟିକୁ ନୂତନ ଦିଗ ଦେବ ।ଓଡ଼ିଶାକୁ ସେମିକଣ୍ଡକ୍ଟର ଓ ଉନ୍ନତ ବୈଷୟିକ ଜ୍ଞାନକୌଶଳର ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ପୂରଣରେ ସହାୟକ ହେବ । ଏଆରଏଫ ଡିଜାଇନ୍ ପ୍ରାଇଭେଟ ଲିମିଟେଡ଼ ଭଳି ଅଗ୍ରଣୀ କମ୍ପାନୀଙ୍କ ଯୋଗଦାନ ଏହି ଲକ୍ଷ୍ୟ ହାସଲରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ ।

କାର୍ଯ୍ୟକ୍ରମରେ ଏଆରଏଫ ଡିଜାଇନ୍ ପ୍ରାଇଭେଟ ଲିମିଟେଡ଼ର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର, ଓକାକର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର କୁସ୍ତବ ଦୀପ୍ତ ପାଣି ଏବଂ ଏସଟିପିଆଇର ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡାଙ୍କ ସମେତ ଅନ୍ୟ ଅତିଥି ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

୩ ବର୍ଷରେ ଜବତ ହେଲାଣି ୯ ହଜାରରୁ ଊର୍ଦ୍ଧ୍ୱ ସିଲିଣ୍ଡର

ଭୁବନେଶ୍ୱର, ୨୭।୧୧ (ମହାଭାରତ): ୩ ବର୍ଷରେ ଜବତ ହେଲାଣି ୯ ହଜାରରୁ ଊର୍ଦ୍ଧ୍ୱ ସିଲିଣ୍ଡର । ଏନେଇ ଗୃହରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ପୃଷ୍ଟ ଚନ୍ଦ୍ର ପାତ୍ର ଲିଖିତ ଉତ୍ତର ରଖିଛନ୍ତି । ଓଡ଼ିଶାରେ ଏଲ୍‌ପିଜି ଗ୍ୟାସ୍‌ର ବେଆଇନ ମହଜୁଦ ଓ କଳାବଜାରୀ ରୋକିବାକୁ ଯୋଗାଣ ବିଭାଗର ନିୟମିତ ଚଢ଼ାଉ ହେଉଛି । ବିଗତ ୩ ବର୍ଷରେ ରାଜ୍ୟର ୩୦ ଜିଲ୍ଲାରେ ୪ ହଜାର ସ୍ଥାନରେ ଯାଞ୍ଚ କରାଯାଇଛି । ଯେଉଁଥିରେ ୯ ହଜାର ୪୯ଟି ଗ୍ୟାସ୍ ସିଲିଣ୍ଡର ଜବତ ହୋଇଥିବା ବେଳେ ୫୧୪ଟି ମାମଲା ରୁଜୁ ହୋଇଛି । ୪୮ଟି ଏଫ୍‌ଆଇଆର୍ ଏବଂ ୧୧ ଜଣଙ୍କୁ ଗିରଫ କରାଯାଇଛି । ବିଜେଡି ବିଧାୟକ ତୁଷାର କାନ୍ତି ବେହେରାଙ୍କ ପ୍ରଶ୍ନରେ ଯୋଗାଣ ମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି ।

ବାଲେଶ୍ୱରରୁ ସର୍ବାଧିକ ୧୩୪୩ଟି ସିଲିଣ୍ଡର ଜବତ ହୋଇଛି । କଟକରୁ ୧୦୪୩, ଜଗତସିଂହପୁରରୁ ୧୦୧୧ ଏବଂ ଖୋର୍ଦ୍ଧାରୁ ୯୩୩ଟି ସିଲିଣ୍ଡର ଜବତ ହୋଇଛି ।

ଯୋଜନାରୁ କାର୍ଯ୍ୟାନ୍ୱୟନ ଦିଗରେ ଓଡ଼ିଶାର ୬ ପ୍ରମୁଖ ଜଳ ସମ୍ପଦ ପଦକ୍ଷେପ

ଭୁବନେଶ୍ୱର, ୨୭।୧୧ (ମହାଭାରତ): ରାଜ୍ୟର ଜଳ ସୁରକ୍ଷା, ଜଳବାୟୁ ସହନଶୀଳତା ଓ ପରିବେଶଗତ ସ୍ଥିରତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ହାତକୁ ନିଆଯାଇଥିବା ୬ଟି ପ୍ରମୁଖ ପଦକ୍ଷେପର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନ ପ୍ରସ୍ତୁତି ସମ୍ପର୍କରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି ।

ସମୀକ୍ଷା ହୋଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ହେଲା ବୋଇତ ଯୋଜନା, ନଦୀ ପୁନରୁଦ୍ଧାର, ନଦୀ ମୁହାଣ ଖନନ, ସହରାଂଚଳ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି, ଗଙ୍ଗୁଆ ନଦୀର ପୁନରୁଦ୍ଧାର ଏବଂ ଜଳଭଣ୍ଡାରରୁ ପଟୁ ମାଟି ଅପସାରଣ ।

ବୈଠକରେ ଯୋଜନାଗୁଡ଼ିକର ଅଗ୍ରଗତି, ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର)ପ୍ରସ୍ତୁତି, ବ୍ୟୟ ଅଟକଳ, ବୈଷୟିକ ଅନୁମୋଦନ, ଆବଶ୍ୟକୀୟ ଅନୁମତି ଓ କାର୍ଯ୍ୟାନ୍ୱୟନ ସମୟସୀମା ଉପରେ ଆଲୋଚନା ହୋଇଥିଲା । ପ୍ରକଳ୍ପଗୁଡ଼ିକର ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପ୍ରସ୍ତୁତିମୂଳକ କାର୍ଯ୍ୟ ଓ ପ୍ରମୁଖ ମାଇଲଖୁଂଟ ଚିହ୍ନଟ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ବୋଇତ ଯୋଜନା ମାଧ୍ୟମରେ ରାଜ୍ୟର ଐତିହାସିକ ଜଳସେଚନ ଭିତିଭୂମିକୁ ପର୍ଯ୍ୟଟନ ସହ ଯୋଡ଼ିବା ଏବଂ ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ଲକ୍ଷ୍ୟ ରହିଛି । ନଦୀ ପୁନରୁଦ୍ଧାର ଓ ନଦୀ ମୁହାଣ ଖନନ ଦ୍ୱାରା ନଦୀର ପରିବେଶଗତ ସ୍ଥିତିରେ ଉନ୍ନତି, ଜଳ ନିଷ୍କାସନ କ୍ଷମତା ବୃଦ୍ଧି ଏବଂ ବିଶେଷକରି ଉପକୂଳ ଅଂଚଳରେ ବନ୍ୟା ଆଶଙ୍କା ହ୍ରାସ ଉପରେ ଲକ୍ଷ୍ୟ ରଖାଯାଇଛି । ସେହିପରି ସହରାଂଚଳ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି ଦ୍ୱାରା ଜଳବନ୍ଧୀ ସମସ୍ୟାର ନିରାକରଣ, ଗଙ୍ଗୁଆ ନଦୀର ପୁନରୁଦ୍ଧାର ଦ୍ୱାରା ଜଳର ଗୁଣବତ୍ତା ଓ ପରିବେଶଗତ ସ୍ଥିତିରେ ଉନ୍ନତି ଏବଂ ଜଳଭଣ୍ଡାରରୁ ପଟୁ ମାଟି ଅପସାରଣ ମାଧ୍ୟମରେ ଜଳଧାରଣ କ୍ଷମତାର ପୁନରୁଦ୍ଧାର ଲକ୍ଷ୍ୟ ରଖାଯାଇଛି । ସମସ୍ତ ପ୍ରକଳ୍ପରେ ସରକାରଙ୍କ ଅନୁମୋଦିତ ଲକ୍ଷ୍ୟ, ବୈଷୟିକ ମାନଦଣ୍ଡ ଓ ଆର୍ଥିକ ବ୍ୟବସ୍ଥାର ଅନୁପାଳନ ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱାରୋପ କରି ଶ୍ରୀମତୀ ଶର୍ମା ସମସ୍ତ ସଂପୃକ୍ତ ମୁଖ୍ୟ ଯନ୍ତ୍ରୀଙ୍କୁ ପ୍ରସ୍ତୁତିମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଏବଂ ବିଭିନ୍ନ ସ୍ତରରେ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଶ୍ରୀ ଗୁରୁ ନାନକ ଦେବଜୀଙ୍କ ୫୫୭ତମ ଜନ୍ମବାର୍ଷିକୀ

ଭୁବନେଶ୍ୱର, ୨୭।୧୧ (ମହାଭାରତ): ଗୁରୁ ନାନକ ଦେବଜୀ ସମଗ୍ର ମାନବ ଜାତିକୁ ସତ୍ୟ, ପ୍ରେମ, କରୁଣା, ସମାନତା ଏବଂ ନିଃସ୍ୱାର୍ଥପର ସେବାର ମାର୍ଗ ଦେଖାଇଥିଲେ । ତାଙ୍କର କାଳଜୟୀ ବାଣୀ 'ଏକ ଓଁକାର' (ଈଶ୍ୱର ଏକ) ଏବଂ 'କିରତ କରୋ, ନାମ ଜପୋ, ୱାଣ୍ଡ ଛକୋ' (ସଚ୍ଚୋଟ ଭାବେ ପରିଶ୍ରମ କର, ଈଶ୍ୱରଙ୍କ ନାମ ସ୍ମରଣ କର ଏବଂ ନିଜ ଉପାର୍ଜନକୁ ଅନ୍ୟମାନଙ୍କ ସହ ବାଂଟି ଖାଅ) ଆଜି ବି ସମାଜରେ ଭାଇଚାରା, ସାମାଜିକ ନ୍ୟାୟ ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଆମକୁ ପ୍ରେରଣା ଯୋଗାଇ ଆସୁଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଏବଂ ମାନବ ସେବାକୁ ହିଁ ଈଶ୍ୱର ସେବା ଭାବେ ଗ୍ରହଣ କରିବାର ଯେଉଁ ଆଦର୍ଶ ସେ ପ୍ରତିଷ୍ଠା କରିଥିଲେ, ତାହା ଯୁଗ ଯୁଗ ଧରି ମାନବ ସମାଜକୁ ଆଲୋକିତ କରୁଥିବ ବୋଲି ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

ଆଜି ପବିତ୍ର କାର୍ତିକ ପୂର୍ଣ୍ଣିମା ତଥା ଶିଖ୍ ଧର୍ମର ପ୍ରତିଷ୍ଠାତା ଶ୍ରୀ ଗୁରୁ ନାନକ ଦେବଜୀଙ୍କର ୫୫୭ତମ ପ୍ରକାଶ ପର୍ବ ବା ଗୁରୁ ନାନକ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ଗୁରୁଦ୍ୱାରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ପହଁଚି ମହାନ ଆଧ୍ୟାତ୍ମିକ ଗୁରୁଙ୍କ ଚରଣରେ କୋଟି କୋଟି ପ୍ରଣାମ ଓ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଏହି ପବିତ୍ର ଦିନରେ ସମଗ୍ର ଦେଶବାସୀ ତଥା ବିଶ୍ୱର କୋଣ ଅନୁକୋଣରେ ଥିବା ସମସ୍ତ ଶିଖ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ଆଜିର ଏହି ପବିତ୍ର ପ୍ରକାଶ ପର୍ବ ଅବସରରେ ଗୁରୁ ନାନକ ଦେବଜୀଙ୍କ ଆଦର୍ଶ ଓ ଶିକ୍ଷାକୁ ନିଜ ଜୀବନରେ ଅନୁସରଣ କରିବା ସହିତ ଏକ ସମାନତାପୂର୍ଣ୍ଣ, ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ସମାଜ ଗଠନ ପାଇଁ ଉପସ୍ଥିତ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାମାନେ ସଂକଳ୍ପ ନେଇଥିଲେ ବୋଲି ଶ୍ରୀ ଗଣ୍ଡ କହିଛନ୍ତି । ଏହି ଅବସରରେ ବିଧାୟକ ସନ୍ତାଷ ଖଟୁଆ, ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରୀମତୀ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ, ରାଜ୍ୟ ସମ୍ପାଦକ ସରୋଜ କର, ଶ୍ରୀମତୀ ପିଙ୍କି ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ ।

୩୦ରୁ ଓସ୍‌ମା ସଂଘ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ

ଭୁବନେଶ୍ୱର, ୨୭।୧୧ (ମହାଭାରତ): ୩ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ଏମ୍.ସି. ଓ ଏ.ପି.ଓ. ସଂଘ ସଂଘର ସଭାପତି ଗୋପାଳ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ରାଜ୍ୟ ଏମ୍.ସି. ଓ ଏ.ପି.ଓ. ପକ୍ଷରୁ ଆସନ୍ତା ୩୦ ତାରିଖରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜି ଠାରେ ଏକ ଶାନ୍ତିପୂର୍ଣ୍ଣ ଗଣଆନ୍ଦୋଳନ କରାଯିବାକୁ ନିଷ୍ପତି ନିଆଯାଇଛି ।

ଓଡ଼ିଶା ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ରାଜ୍ୟର ୩୧୪ଟି ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏ.ପି.ଓ.) ଏବଂ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟରତ ମନରେଗା ସଂଯୋଜକ (ଏମ୍.ସି.) ମାନେ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିଷ୍ଠା, ଦାୟିତ୍ୱବୋଧ ଓ ସମର୍ପଣ ମନୋଭାବର ସହିତ ସରକାରୀ ଯୋଜନାର ସଫଳ ରୂପାୟନ କରିଆସୁଛନ୍ତି । କିନ୍ତୁ ଦୀର୍ଘ ୧୫ ବର୍ଷର ସେବା ପରେ ମଧ୍ୟ ଏହି କର୍ମଚାରୀମାନଙ୍କୁ ନିଯୁକ୍ତିର ସ୍ଥାୟୀତ୍ୱ, ଆର୍ଥିକ ସୁରକ୍ଷା ଓ ଉପଯୁକ୍ତ ସେବା ସୁବିଧା ମିଳିପାରିନାହିଁ । ସଂଘର ମୁଖ୍ୟ ଦାବିଗୁଡ଼ିକ ହେଲା: (୧) ଦୀର୍ଘ ୧୫ ବର୍ଷ ଧରି କାର୍ଯ୍ୟରତ ସମସ୍ତ ଏମ୍.ସି. ଓ ଏ.ପି.ଓ.ମାନଙ୍କୁ ସରକାରଙ୍କ ଦ୍ୱାରା ନିୟମିତ/ସ୍ଥାୟୀ ନିଯୁକ୍ତି ପ୍ରଦାନ । (୨) ସେମାନଙ୍କ ଯୋଗ୍ୟତା, ଅଭିଜ୍ଞତା ଓ କାର୍ଯ୍ୟଦାୟିତ୍ୱ ଅନୁଯାୟୀ ଉପଯୁକ୍ତ ବେତନ ଗଠନ ଓ ଉନ୍ନତ ପାରିଶ୍ରମିକ ପ୍ରଦାନ । (୩) ଅନ୍ୟାନ୍ୟ ଆବଶ୍ୟକୀୟ ସେବା ସୁବିଧା ଓ ଆର୍ଥିକ ସୁରକ୍ଷା ପ୍ରଦାନ । ସରକାର ତୁରନ୍ତ ନ୍ୟାୟସଙ୍ଗତ ଦାବିଗୁଡ଼ିକ ପୂରଣ କରିବା ସହିତ ସେମାନଙ୍କ ପରିବାରର ଭବିଷ୍ୟତ ଓ ଜୀବିକାର ସୁରକ୍ଷା ସୁନିଶ୍ଚିତ କରିବାକୁ ସଂଘ ପକ୍ଷର ଦାବି କରାଯାଇଛି ।

ସଡ଼କ ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୨୭।୧୧ (ମହାଭାରତ): ଗଞ୍ଜାମ ଜିଲ୍ଲା, ଚିକିଟି ତହସିଲର ପ୍ରକାଶ ଚନ୍ଦ୍ର ପାଢ଼ୀ (ପିତା - ମୁରଲୀ ପାଢ଼ୀ)ଙ୍କର ସଡ଼କ ଦୁର୍ଘଟଣାରେ ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି।- ଗଞ୍ଜାମ ଜିଲ୍ଲା, ଚିକିଟି ତହସିଲର ନରସିଂହ ସାହୁ (ପିତା - ଭଗବାନ ସାହୁ) ଙ୍କର ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି ।

ଚାଷୀ ଆନ୍ଦୋଳନ କରୁଥିବା ବେଳେ ସରକାର ନିଜ ପିଠି ନିଜେ ଥାପୁଡ଼େଉଛନ୍ତି : ବିଜେଡି

ଭୁବନେଶ୍ୱର, ୨୭।୧୧ (ମହାଭାରତ): ବିଜେପି ପକ୍ଷରୁ ଧାନ ସଂଗ୍ରହ ଏବଂ କୃଷକ କଲ୍ୟାଣ ନେଇ ଯେଉଁ ଆତ୍ମପ୍ରଶଂସା କରାଯାଇଛି, ତାହା ଓଡ଼ିଶାର ଚାଷୀଙ୍କ ଦୈନନ୍ଦିନ ଦୁର୍ଦ୍ଦଶାକୁ ଲୁଚାଇବା ପାଇଁ ଏକ ବାହାନା । ବିଜେପି ନେତାମାନେ ନିଜ ପିଠି ନିଜେ ଥାପୁଡ଼େଇବା ସହ ସରକାରଙ୍କୁ ସାର୍ଟିଫିକେଟ ଦେବା, କୃଷକଙ୍କ କ୍ଷତରେ ଲୁଣ ଛିଞ୍ଚିବା ସଦୃଶ ବୋଲି ବିଜେଡି କହିଛି ।

ଆଜି ଏକ ପ୍ରେସ ବିବୃତି ମାଧ୍ୟମରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା କହିଥିଲେ ଯେ, ନିର୍ବାଚନ ପୂର୍ବରୁ ଚାଷୀଙ୍କୁ ଧାନର ସର୍ବନିମ୍ନ ମୂଲ୍ୟ ୩୧୦୦ ଟଙ୍କା ପ୍ରଦାନ, କଟନୀ-ଛଟନୀ ସମ୍ପୂର୍ଣ୍ଣ ବନ୍ଦ, ସ୍ୱଚ୍ଛ ଧାନ ସଂଗ୍ରହ ବ୍ୟବସ୍ଥା ଏବଂ ଦଲାଲ ମୁକ୍ତ ମଣ୍ଡିର ପ୍ରତିଶ୍ରୁତି ଦେଇଥିଲା ବିଜେପି । କିନ୍ତୁ ୨ ବର୍ଷର ଶାସନ ପରେ ମଧ୍ୟ ସ୍ଥିତି ଏପରି ହୋଇଛି ଯେ, ଚାଷୀଙ୍କୁ ଟୋକନ ମିଳୁଛି କିନ୍ତୁ ଧାନ ବିକ୍ରି ହେଉନାହିଁ । ମଣ୍ଡିରେ ରାତି ରାତି ଉଜାଗର ରହିବାକୁ ପଡୁଛି ଏବଂ ଅନେକ ସ୍ଥାନରେ ଧାନ ଉଠାଣରେ ଅସ୍ୱାଭାବିକ ବିଳମ୍ବ ଦେଖାଯାଇଛି । ପଞ୍ଜିକରଣରେ ଚାଷୀର ବଂଶାବଳୀ, ଏଗ୍ରିଷ୍ଟେକ୍ ଭଳି ଜଟିଳ ସର୍ତ୍ତାବଳୀ ମାଗି ଚାଷୀକୁ ଧାନ ଚାଷରୁ ନିରୁତ୍ସାହିତ କରିବାକୁ ଚେଷ୍ଟା କରୁଛନ୍ତି ରାଜ୍ୟ ସରକାର । ବିଧାନସଭାରେ ବିଜେଡି ବାରମ୍ବାର ଧାନ ସଂଗ୍ରହରେ ଅବ୍ୟବସ୍ଥା ଏବଂ କୃଷକଙ୍କ ଶୋଷଣ ପ୍ରସଙ୍ଗ ଉଠାଇ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବାକୁ ଚେଷ୍ଟା କରୁଛି । ବାରମ୍ବାର ଦାବି ସତ୍ତ୍ୱେ ଏଫସିଆଇ ରାଜ୍ୟରୁ ଚାଉଳ ନ ଉଠାଇବା, ବିଜେପି ସରକାରଙ୍କ ଅସହାୟତାକୁ ପ୍ରକାଶ କରୁଛି ।

ଧାନ ସଂଗ୍ରହ ପଦ୍ଧତିକୁ ଏଭଳି ଜଟିଳ କରି ନିଜର ସଫଳତା ପ୍ରଚାର କରୁଛି ବିଜେପି ସରକାର । କିନ୍ତୁ ବାସ୍ତବତା ହେଉଛି, ଏହି ଅପରିଣାମଦର୍ଶୀ ସରକାର ଧାନ ସଂଗ୍ରହ ବ୍ୟବସ୍ଥାରେ ଚାଷୀଙ୍କ ଠାରୁ ଠିକ୍ ସମୟରେ ଧାନ କିଣିପାରୁ ନାହିଁ ଏବଂ ଧାନକିଣା ପ୍ରକ୍ରିୟାରେ ସ୍ୱଚ୍ଛତା ରଖିପାରୁ ନାହିଁ । ଏହି କାରଣରୁ ସରକାରଙ୍କୁ ଟୋକନ ଅବଧି ବଢ଼ାଇ ନିଜ ନିଷ୍ପତ୍ତିରେ ବାରମ୍ବାର ପରିବର୍ତ୍ତନ କରିବାକୁ ପଡୁଛି । ସାରା ରାଜ୍ୟରେ କୃଷକ ଅସନ୍ତୋଷ ଆନ୍ଦୋଳନର ରୂପ ନେଇଛି । ନିର୍ବାଚନ ପୂର୍ବରୁ ବିଜେପି କହିଥିଲା କଟନୀ-ଛଟନୀର ହେବ ନାହିଁ, କିନ୍ତୁ କଟନୀ-ଛଟନୀ ଦିନକୁ ଦିନ ବୃଦ୍ଧି ପାଉଛି । ଖୋଦ୍ ଯୋଗାଣ ମନ୍ତ୍ରୀ ଗତବର୍ଷ ମିଲରମାନଙ୍କୁ ଅଧିକ କଟନୀ-ଛଟନୀ ନ କରିବାକୁ କହିଥିଲେ । ଅନ୍ୟ ଜଣେ ମନ୍ତ୍ରୀ କହିଥିଲେ ଯେ, ମିଲର ଓ ଚାଷୀ ଆପୋଷ ବୁଝାମଣାରେ କଟନୀ ଛଟନୀ କରୁଛନ୍ତି । ମନ୍ତ୍ରୀଙ୍କ ଏହି ସ୍ୱୀକାରୋକ୍ତି ଡବଲ ଇଞ୍ଜିନ ସରକାରଙ୍କ ଚାଷୀମାରଣ ନୀତିକୁ ପଦାରେ ପକାଇଛି ।

ନବୀନ ପଟ୍ଟନାୟକଙ୍କ ବିଦେଶ ଗସ୍ତର ତଦନ୍ତ ନିର୍ଦ୍ଦେଶ ପ୍ରସଙ୍ଗ

ସାଧାରଣ ଜନତା ଓ ସୂଚନା ଅଧିକାର କର୍ମୀଙ୍କ ସନ୍ଦେହ ଦୂର କରିବା ସରକାରଙ୍କ ଦାୟିତ୍ୱ : ବିଜେପି

ଭୁବନେଶ୍ୱର, ୨୭।୧୧ (ମହାଭାରତ): ଜାତୀୟ ସମ୍ପତି ହେଉ କିମ୍ବା ଓଡ଼ିଶାର ସାଧାରଣ ଲୋକଙ୍କ ସମ୍ପତି ହେଉ ସେସବୁର ସୁରକ୍ଷାର ଦାୟିତ୍ୱ ରାଜ୍ୟ ସରକାରଙ୍କର । ବିଜେପି ସରକାର ଏଥିପାଇଁ ପ୍ରତିଶ୍ରୁତିବଦ୍ଧ । ଗଣମାଧ୍ୟମଠାରୁ ଆରମ୍ଭ କରି ସୂଚନା ଅଧିକାର କର୍ମୀଙ୍କ ସୂଚନା ଅନୁସାର

ଗରିବଙ୍କ ପାଇଁ ଯୋଜନା

ଗରିବଙ୍କ ପାଇଁ କେନ୍ଦ୍ର ସରକାର ମାଗଣା ଘର ଯୋଗାଇବାକୁ ଅନେକ ବର୍ଷ ତଳେ ଯୋଜନା ପ୍ରସ୍ତୁତ କରିଥିଲେ। ପ୍ରଥମେ ଏହାର ନାମ ଥିଲା ଇନ୍ଦିରା ଆବାସ ଯୋଜନା। ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନାମରେ ଗରିବଙ୍କୁ ମାଗଣା ଘର ଦିଆଯାଉଛି। ଏତେ ବର୍ଷ ହେଲାଣି ଏହି ଯୋଜନା କାର୍ଯ୍ୟକାରୀ ହେଉଛି, ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଲାଣି, ତଥାପି ଅନେକ ଗରିବ ଲୋକ ଏବେ ସୁଦ୍ଧା ନିଜସ୍ୱ ଘରରୁ ବଂଚିତ ହୋଇଛନ୍ତି। ନିପଟ ମଫସଲ, ଆଦିବାସୀ ବହୁ ଗ୍ରାମକୁ ଗଲେ ଆବାସ ଯୋଜନାର ବିଫଳତା ସ୍ପଷ୍ଟ ବାରି ହୋଇପଡ଼ିବ। କେବଳ କେନ୍ଦ୍ର ସରକାର ନୁହଁନ୍ତି, ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି। କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ। ଶାସକ ଓ ବିରୋଧୀ ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି। କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି। ଅତୀତରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଥିଲେ। କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା। କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଇଛନ୍ତି। ଦୁର୍ନୀତି ଓ ପ୍ରିୟାପ୍ରୀତି ଦୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି। ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି। ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ। ଯାଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି। କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି। କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ। ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା। ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ। ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା। ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ। ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ। ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଳ ସହାୟକ ହେଉଛି। କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ। ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି। ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି। ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କେତେଦୂର ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା। ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି। ଏହାର କାର୍ଯ୍ୟକାରୀତା ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ପଡ଼ିବ। ଏକଥା ସତ ଯେ, ଦେଶରେ ଲୋକସଂଖ୍ୟା ବଢୁଛି ଏବଂ ପ୍ରତିବର୍ଷ ନୂଆ ପରିବାର ସୃଷ୍ଟି ହେଉଛି। ତେଣୁ ଗୋଟିଏ ପରିବାରକୁ ଆଜି ଗୋଟିଏ ଘର ଯୋଗାଇ ଦେଲେ ସେହି ପରିବାର ସବୁଦିନ ଉପକୃତ ହେବନି। କାଲି ପିଲାମାନେ ବଡ଼ ହୋଇ ନିଜର ସ୍ୱତନ୍ତ୍ର ପରିବାର କଲେ ସେମାନଙ୍କ ପାଇଁ ମଧ୍ୟ ନୂଆ ଘର ଆବଶ୍ୟକ। ତଥାପି ସରକାର ଚାହିଁଲେ ଦୁଇ ତିନି ବର୍ଷ ଭିତରେ ସମସ୍ତଙ୍କୁ ପକ୍କା ଘର ଯୋଗାଇବାକୁ ସକ୍ଷମ ହୋଇପାରିବେ। ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଘରକୁ ଘର, ଗାଁକୁ ଗାଁ ବୁଲି ସର୍ଭେ କରାଯିବା ଆବଶ୍ୟକ। କେବଳ ଗାଁ ନୁହେଁ, ସହରାଞ୍ଚଳରେ ମଧ୍ୟ ଏହାର ଆବଶ୍ୟକତା ରହିଛି। ପ୍ରଶାସନ ଯେଉଁଠି ଅନୁଭବ କରିବ ଯେ ଏଠାରେ ଗରିବଙ୍କୁ ପକ୍କା ଘର ଦିଆଯିବାର ଆବଶ୍ୟକତା ରହିଛି ସେଠାରେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା ଉଚିତ। ପ୍ରଶାସନ ଦେଖୁଛି ବଣ୍ଡା ଘାଟିରେ ଆଦିବାସୀମାନେ କଚ୍ଚା ଘର ବା ଟାଇଲିଛପର ଘରେ ବିପଜ୍ଜନକ ଅବସ୍ଥାରେ ରହୁଛନ୍ତି। କିନ୍ତୁ ପ୍ରଶାସନ ସବୁ ଦେଖି କିଛି ନଦେଖିଲା ପରି ରହୁଛି। ଯୁଦ୍ଧକାଳୀନ ଭିତ୍ତିରେ ସେମାନଙ୍କୁ ଆବାସ ଯୋଜନାରେ ସାମିଲ କରାଯିବା ଉଚିତ। ଯୋଜନାର କାର୍ଯ୍ୟକାରୀତା ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ। ଯୋଜନାକୁ ଉପରଠାଉରିଆ ଭାବେ କାର୍ଯ୍ୟକାରୀ କରିବା ଟଙ୍କା ପାଣିରେ ପକାଇବା ସହ ସମାନ। ଏବେ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଚାଲିଛି। ଓଡ଼ିଶାବାସୀ ବହୁ ଆସ୍ଥା ଏବଂ ବିଶ୍ୱାସର ସହିତ ବିଜେପିକୁ ପ୍ରଥମ ଥର ପାଇଁ କ୍ଷମତାସୀନ କରିଛନ୍ତି। ବିଜେପି ଏହାକୁ ଏକ ସୁବର୍ଣ୍ଣ ସୁଯୋଗ ବୋଲି ବିଚାର କରି ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସର ମୂଲ୍ୟ ଦେବାକୁ ଉଦ୍ୟମ କରିବା ଉଚିତ। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି ସରକାର ଚାଲିଛି। ଏହାକୁ ଡବଲ ଇଞ୍ଜିନ ସରକାର ବୋଲି କୁହାଯାଉଛି। ଯଦି ଡବଲ ଇଞ୍ଜିନ ସରକାର ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣରେ ବିଫଳ ହୁଏ ତେବେ ଲୋକେ କାହାକୁ ବିଶ୍ୱାସ କରିବେ ? ଲୋକଙ୍କ ଭରସାକୁ ମୋଦି ଓ ମୋହନ ସରକାର ଭାଙ୍ଗିବା ଅନୁଚିତ। ଓଡ଼ିଶାରେ ବହୁ ଗରିବ ଲୋକଙ୍କ ମୁଣ୍ଡରେ ଛାଥ ନାହିଁ। ସେମାନଙ୍କ କଥା ସରକାର ବୁଝିବା ଉଚିତ।

ଶରୀରଂ ଆଦ୍ୟଂ ଖଳୁ ଧର୍ମ ସାଧନଂ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମନୁଷ୍ୟର ଶରୀର ସୃଷ୍ଟିକର୍ତ୍ତା ଈଶ୍ୱରଙ୍କର ଏକ ଅନବେଦ୍ୟ ଆଶୀର୍ବାଦ। ଏହି ଶରୀରର ଉଦ୍ଦେଶ୍ୟ ହେଉଛି ଧର୍ମ ସାଧନ ଓ ଆତ୍ମମାନଙ୍କର ଗନ୍ତବ୍ୟ ହେଲା ଈଶ୍ୱର ପ୍ରାପ୍ତି ଅର୍ଥାତ୍ ଧାରଣ, ପାଳନ ଓ ସମ୍ଭୋଗସିଦ୍ଧ ବ୍ୟକ୍ତିତ୍ୱ। ମନୁଷ୍ୟ ଶରୀରର ସାମଗ୍ରିକ ସ୍ୱାସ୍ଥ୍ୟ ନିର୍ଭର କରେ - ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଏହି ତିନୋଟି ସ୍ତମ୍ଭ ଉପରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ସ୍ୱାସ୍ଥ୍ୟ ଏକ ସାମଗ୍ରିକ ଆହ୍ୱାନ। ମନୁଷ୍ୟର ପିତାମାତା, ଶିକ୍ଷକ, ସାମାଜିକ ଗୁରୁ ଓ ସର୍ବୋପରି ଆଧ୍ୟାତ୍ମିକ ଗୁରୁ ମାନଙ୍କ ଆଶୀର୍ବାଦରେ ମନୁଷ୍ୟ ଏହି ନିଖୁଣ ସ୍ୱାସ୍ଥ୍ୟ ଲାଭ କରେ। ଖାଦ୍ୟର ଉଦ୍ଦେଶ୍ୟ ମନୁଷ୍ୟ ଶରୀର, ମନ ଓ ଆଧ୍ୟାତ୍ମିକ ଚିନ୍ତନକୁ ଉପଯୁକ୍ତ ଦିଗରେ ପରିଚାଳନ କରିବା। ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର କୋଟି କୋଟି ଭକ୍ତ ଶିଷ୍ୟ ଓ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ଦିଗନ୍ତ ପ୍ରସାରୀ ଆହ୍ୱାନ ଦେଇ କହିଛନ୍ତି - ମାଛ, ମାଂସ ଖାଇବ ନାହିଁ, ପିଆଜ, ରସୁଣ ମାଦକ ଛାଡ଼। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସୂକ୍ଷ୍ମାତିସୂକ୍ଷ୍ମ ଅନୁଭୂତିରୁ ବର୍ଣ୍ଣନା କଲେ - ମାଛ, ମାଂସର ଜୈବକୋଷ ଉପାଦାନ ଆତ୍ମ ମାନଙ୍କ ଶରୀରରେ ପ୍ରବେଶ କରି ଶରୀରର ଜୈବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟି କରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିଉଠାଏ। ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟି ହେଲେ ମଧ୍ୟ ଶେଷ ପର୍ଯ୍ୟନ୍ତ ଆୟୁଷର କ୍ଷତି ଘଟେ। କାରଣ ସ୍ୱାଭାବିକ ନିୟମରେ ଯେଉଁ ବୃଦ୍ଧି ହୁଏତ ଦଶବର୍ଷରେ ହେବାର କଥା ତାହା ହୁଏତ ପାଞ୍ଚ ବର୍ଷ ମଧ୍ୟରେ ହୋଇଗଲା। ଏହାପରେ ହିଁ ଆରମ୍ଭ ହୁଏ ପ୍ରତିକ୍ରିୟା ଓ ମନୁଷ୍ୟର ଆୟୁଷ କମିଯାଏ। ଆମିଷ ଖାଦ୍ୟ ଖାଇଲେ ଶରୀର ମଧ୍ୟରେ ଏକ ବିଷକ୍ରିୟା ସୃଷ୍ଟି ହୋଇ ସ୍ନାୟୁ ଓ ମସ୍ତିଷ୍କ କୋଷ ଗୁଡ଼ିକ ଚଞ୍ଚଳ, ଦୁର୍ବଳ, ସାମ୍ୟ ଓ କ୍ରମାଗତିହରା ହୋଇଉଠନ୍ତି। ସୂକ୍ଷ୍ମ ଅନୁଭୂତି ଗୁଡ଼ିକୁ ଧରିହୁଏ ନାହିଁ। ଗୋଟିଏ ଦିନ ଆମିଷ ଖାଇଲେ ଅନ୍ତତଃ ଦୁଇ ତିନି ସପ୍ତାହ ପର୍ଯ୍ୟନ୍ତ ତାର କୁକ୍ରିୟା କାର୍ଯ୍ୟକରେ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ମତରେ ଯେଉଁମାନେ ଉନ୍ନତର ଆଧ୍ୟାତ୍ମିକ ଜୀବନଯାପନ କରିବାକୁ ଚାହାଁନ୍ତି, ସୁସ୍ଥ ଦେହ ଓ ସ୍ୱଚ୍ଛନ୍ଦ ମନରେ କ୍ରମାଗତ ଭାବରେ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଦ୍ୟ ଖାଇବା ଉଚିତ।

ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପନିପରିବା ଓ ମାଂସ ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ବ୍ୟାଖ୍ୟା କରି କହିଲେ ପନିପରିବା (ଭେଜିଟେବଲ୍) ଅର୍ଥ ଜୀବନ୍ତ ଓ ଜାଗ୍ରତ କରି ଉଠାଇବା, କିନ୍ତୁ ମାଂସ (ଫ୍ଲେଶ୍) ଶବ୍ଦର ସେପରି କୌଣସି ଅର୍ଥ ନାହିଁ। ଆମିଷ ଖାଦ୍ୟ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ ଓ ସୁସଙ୍ଗତ ନହେଲେ ତାହା ଶରୀରକୁ ପୋଷଣ ଦେଇପାରେ ନାହିଁ। ନିରାମିଷ ଆହାରରେ ଶକ୍ତି ବଢ଼େ। କିନ୍ତୁ ପ୍ରଶ୍ନ ଉଠେ ଚିକିତ୍ସକମାନେ କାହିଁକି ଆମିଷ ଖାଦ୍ୟ ଖାଇବା ପାଇଁ ମତ ଦିଅନ୍ତି ? ଦୟାଳ ପୁରୁଷ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଚିକିତ୍ସକମାନଙ୍କର ମତାମତ ଆସେ ତାଙ୍କର ବୁଝିବା ଓ ଜ୍ଞାନଠାରୁ। ନିରାମିଷ ଆହାର ଆତ୍ମମାନଙ୍କ ଶରୀର ବିଧାନ ପକ୍ଷରେ ସଂଗତିଶୀଳ। କିନ୍ତୁ ଆମିଷ ଆହାର ତାହା ନୁହେଁ। ନିଜସ୍ୱ ଅନୁଭୂତିରୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଥରେ ପିଆଜମିଶ୍ରିତ ଖେଚୁଡ଼ି ଖାଇ ମୋତେ ୧୦୫ ଡିଗ୍ରୀ ଜ୍ୱର ହୋଇଥିଲା। ମାଛ ଖାଇବା ଓ ନଖାଇବା - ମୁଁ ଭଲ ଭାବରେ ପରୀକ୍ଷା କରି ଦେଖିଛି। ମାଛ ନଖାଇ ନାମ ଧ୍ୟାନ କରି ଦେଖିଛି। ମନଟି ଅତି ଶୀଘ୍ର ଉପରକୁ ଉଠିଯାଏ, ଆଉ ଯେତେବେଳେ ଆମିଷ ଖାଦ୍ୟ ଖାଇଛି, ସେତେବେଳେ ନାମ କଲେ ମଧ୍ୟ ମନର ପ୍ରସାରଣ ହୁଏନାହିଁ, କ୍ରମାଗତି କଟିଯାଏ, କ୍ଲାନ୍ତି ଆସେ। ଆମିଷ ଆହାର ଏକ ବିକୃତ ରୁଚି। ଗୋଟିଏ ମନୁଷ୍ୟକୁ ହତ୍ୟାକଲେ ସେ ଯେଭଳି ବ୍ୟଥା ଓ ଯନ୍ତ୍ରଣା ଅନୁଭବ କରେ, ଗୋଟିଏ ଜୀବକୁ ହତ୍ୟା କଲେ ମଧ୍ୟ ସେ ସେହିଭଳି କଷ୍ଟ ପାଏ। ପ୍ରତ୍ୟେକ ଜୀବ ହେଉଛନ୍ତି ଏକ କ୍ଷୁଦ୍ରାଦପିକ୍ଷୁଦ୍ର ମନୁଷ୍ୟ। ନରହତ୍ୟା କଥା ଶୁଣିଲେ ଆମେ ଆତଙ୍କିତ ହେଉ, କିନ୍ତୁ ଜୀବହତ୍ୟା ବେଳେ କିଛି ବୋଧ ଆସେନାହିଁ, ଏହାର ଅର୍ଥ ହେଉଛି - ଆତ୍ମମାନଙ୍କର ବୋଧବୃତ୍ତି ପ୍ରବୃତ୍ତିଆବିଳ, ସ୍ଥୂଳ, ହୃଦୟହୀନ ଓ ସହାନୁଭୂତି ଶୂନ୍ୟ। ସମଗ୍ର ସ୍ନାୟୁବିକ ବିଧାନ ଆମିଷ ଖାଦ୍ୟରେ କ୍ଷତିଗ୍ରସ୍ତ ହୁଏ, ଦୃଷ୍ଟିଶକ୍ତି କମିଯାଏ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଜସ୍ୱ ଅଭିଜ୍ଞତାରୁ କହିଛନ୍ତି - କୌଣସି ଦିନ ଯଦି ମାଛ ଖାଇଥିଲି ତାହାପରେ ବେଶ କିଛିଦିନ ଧ୍ୟାନଧାରଣା ଓ ଭଜନଅନୁଭୂତି କମି ଯାଉଥିଲା। ଜ୍ୟୋତି ଓ ଶବ୍ଦର ଅନୁଭୂତି କ୍ଷୀଣ ହେଉଥିଲା ଓ ଆନନ୍ଦର ଉତ୍ସ ଶୁଖି ଯାଉଥିଲା। ନିଜର ଅଭିଜ୍ଞତା ଉପରେ ମୋର ଅକାଟ୍ୟ ବିଶ୍ୱାସ ଯେ ଉଚ୍ଚତର ଅନୁଭୂତି ରାଜ୍ୟରେ ଯିବାକୁ ହେଲେ, ଚିନ୍ତା - ଚଳନ ଓ ଚରିତ୍ରକୁ ଯିଏ ସ୍ଥୈର୍ଯ୍ୟ-ସମନ୍ୱିତ କରିବାକୁ ଚାହେଁ, ସେମାନଙ୍କୁ ଆମିଷ ଆହାର ବର୍ଜନ କରିବାକୁ ହେବ। ଆମିଷ ଖାଦ୍ୟରେ ଯେଉଁ ବୃଦ୍ଧି ଘଟେ ତାହା ଆୟୁଷ ବିନିମୟରେ। ଏହା ଆମର କାମ୍ୟ ନୁହେଁ। ଜୀବନ ଯେଭଳି ଦୀର୍ଘାୟିତ ହୁଏ ତାହା କରିବା ହିଁ ଭଲ। ନିରାମିଷ ଖାଦ୍ୟ ଓ ସୁନିୟନ୍ତ୍ରିତ ଚଳନ ହିଁ ଦୀର୍ଘ ଆୟୁ ପକ୍ଷେ ସହାୟକ। ସୁନିୟନ୍ତ୍ରିତ ଚଳନ ନିମିତ୍ତ ତିନୋଟି ଜିନିଷର ପ୍ରୟୋଜନ। ପ୍ରଥମ ହେଲା ସୁକୈନ୍ଦ୍ରିକ ଇଚ୍ଛାଶକ୍ତି। ଏହା ନଥିଲେ ମନୁଷ୍ୟ ଜୀବନରେ ବିରୋଧି ଶକ୍ତି ଗୁଡ଼ିକୁ ଆୟତ୍ତରେ ଆଣିପାରେ ନାହିଁ। ଜୀବନର ଘାତ ପ୍ରତିଘାତରେ ଦୁର୍ବଳ ଓ ହତାଶ ହୋଇପଡ଼େ ଓ ପ୍ରତିରୋଧକ କ୍ଷମତା କମିଯାଏ। ରୋଗ ବ୍ୟାଧି ଚାପି ଧରେ। ଦ୍ୱିତୀୟ ହେଲା- ସୁନିୟନ୍ତ୍ରିତ ଦାମ୍ପତ୍ୟ ଜୀବନ ଓ ତୃତୀୟ ହେଲା - ଶାନ୍ତିପୂର୍ଣ୍ଣ ପାରିବାରିକ ପରିବେଶ।

ଜାନ୍ତବ କୋଷ, ଜାନ୍ତବ କୋଷକୁ ହଜମ କରିବାକୁ ଚାହେଁନାହିଁ ବରଂ ପ୍ରତ୍ୟାଖ୍ୟାନ କରେ। ଜାନ୍ତବ କୋଷ ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ କୋଷ ବିଭାଜନ ବୃଦ୍ଧି ଘଟାଏ ଓ ଏଥିଯୋଗୁଁ ଶରୀରର ପ୍ରତିରୋଧକ କ୍ଷମତା କମିଯାଏ। କ୍ଷୀର ଆମିଷ ଖାଦ୍ୟ ହେଲେ ମଧ୍ୟ କ୍ଷତିକାରକ ନୁହେଁ। ଖାଦ୍ୟରେ ସ୍ୱର୍ଗ ଦୋଷ ମଧ୍ୟ ଦେଖିବାକୁ ହୁଏ। ଯାହାଙ୍କ ହାତରେ ଖାଦ୍ୟ ଖିଆଯାଏ ତାଙ୍କର ମାନସିକ ଅବସ୍ଥା, ଚିନ୍ତା ଓ ପ୍ରବୃତ୍ତିର ସ୍ୱର୍ଗ ଖାଦ୍ୟ ଭିତର ଦେଇ ଅନ୍ୟର ଶରୀରକୁ ପ୍ରବେଶ କରେ। ଖାଦ୍ୟର ମନ ଉପରେ ପ୍ରଭାବ ବିଷୟରେ ମହାଭାରତରେ ଥିବା ଭୀଷ୍ମଙ୍କ ଉଦାହରଣ ରହିଛି । ଭୀଷ୍ମ ଶରଶଯ୍ୟାରେ ଥିବାବେଳେ ପାଣ୍ଡବମାନେ ସପରିବାର ତାଙ୍କୁ ଦର୍ଶନ କରିବା ପାଇଁ ଗଲେ । ଶରଶଯ୍ୟାରେ ଥାଇ ଭୀଷ୍ମ ପାଣ୍ଡବମାନଙ୍କୁ ସଦାଚାର ବିଷୟରେ କିଛି ଉପଦେଶ ଦେଲେ । ତାହାଶୁଣି ଦ୍ରୌପଦୀ ତାତ୍ପର୍ଯ୍ୟକରି ହସିବାକୁ ଲାଗିଲେ । କାଳେ ପିତାମହ ଖରାପ ଭାବିବେ, ସେଥିପାଇଁ ପାଣ୍ଡବମାନେ ଦ୍ରୌପଦୀଙ୍କୁ ବାରଣ କଲେ । ଭୀଷ୍ମ ହସିବାର କାରଣ ବିଷୟ ପଚାରିବାରୁ ଦ୍ରୌପଦୀ କହିଲେ - ଆପଣ ଏତେଦିନ ଧରି କୌରବମାନଙ୍କର ଉପଦେଷ୍ଟା ହୋଇ ରହି ତାଙ୍କୁ ଯଦି ଏ ବିଷୟରେ ଶିକ୍ଷା ଦେଇଥାଆନ୍ତେ ଓ ନିଜେ ଯୁଦ୍ଧ କରିବାରୁ ନିବୃତ୍ତ ରହିଥାଆନ୍ତେ, ତା'ହେଲେ ଆଜି ଏପରି ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ଏହି ଧାରଣା ମୋ ମନରେ ଆସିବାରୁ ଆପଣଙ୍କ କଥା ଶୁଣି ମୋତେ ହସ ଲାଗିଲା । ଭୀଷ୍ମ ଉତ୍ତର ଦେଲେ - କୌରବମାନଙ୍କ ଅନ୍ନରେ ମୋର ଏ ଶରୀର ପ୍ରତିପାଳିତ ହୋଇ ଆସୁଥିବାରୁ ମୋ' ଶରୀରର ରକ୍ତ ସେମାନଙ୍କ ଖାଦ୍ୟ ଦ୍ୱାରା ଗଠିତ ହୋଇଥିଲା । ତେଣୁ ସେମାନେ ମୋତେ ଯାହା ଚାହୁଁଥିଲେ ମୋ'ମନ ତାହା କରିବାକୁ ନିର୍ଦ୍ଦେଶ ଦେଉଥିଲା ଓ ମୁଁ ତାହା କରୁଥିଲି । ଶରଶଯ୍ୟାରେ ରହିବା ଫଳରେ ମୋ'ଦେହରୁ ସେ ଦୂଷିତ ରକ୍ତ ବାହାରିଯାଇ ମୋ'ମନକୁ ପବିତ୍ର କରି ଦେଇଛି । ତେଣୁ ମୁଁ ଆଜି ଏ ଉପଦେଶ ଦେବାକୁ ସମର୍ଥ ହୋଇଛି । ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଖାଦ୍ୟ ସମ୍ବନ୍ଧରେ ଏହି ଆହ୍ୱାନକୁ ଆମେ ବିନମ୍ର ଭାବେ ଗ୍ରହଣ କରୁଛୁ।

ପ୍ରତିରଡ଼ିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,

ଦୂରଭାଷ : ୯୪୩୭୦୫୧୯୫୭

ପିପ୍ରାହ୍ୱା ଅବଶେଷର ଇତିହାସ : ଏକ ଅବବୋଧ

ଡ଼. କପିଳେନ୍ଦ୍ର ଦାସ ■

ଇତିହାସ କେବଳ ଅତୀତ ଘଟଣାର ବିବରଣୀ ନୁହେଁ; ଏହା ମାନବ ସଭ୍ୟତାର ବିକାଶ, ସଂସ୍କୃତି, ଧର୍ମ ଏବଂ ସାମାଜିକ ଚେତନାର ଦଲିଲ। ଭାରତୀୟ ଇତିହାସରେ ବୌଦ୍ଧ ସଭ୍ୟତାର ଅବଦାନ ଅପରିମେୟ। ଏହି ସଭ୍



ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଶନିବାର, ୨୮ ନଭେମ୍ବର, ୨୦୨୬

୧୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଦଶପଲ୍ଲା, ୨୭/୧୧ (ମହାଭାରତ): ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ପୁଲିସକୁ ମିଳିଛି ସଫଳତା। ବେଆଇନ ଭାବେ ଗଞ୍ଜେଇ ରଖିବା ସହ ଚାଲାଣ କରୁଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୁଲିସ ଗିରଫ କରିବା ସହ ତାଙ୍କ ନିକଟରୁ ୧୦ କେଜି ଗଞ୍ଜେଇ ଜବତ କରିଛି ।ପୁଲିସ ସୂଚନା ଅନୁଯାୟୀ, ଗତ ୨୭ ତାରିଖ ଶୁକ୍ରବାର ପୂର୍ବାହ୍ନ ସମୟରେ ବାଣିଗୋଛା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ଙ୍କ ନିର୍ଦ୍ଦେଶକ୍ରମେ ଏସ୍ ?ଆଇ ବିରେନ୍ଦ୍ର କୁମାର ଦେହୁରୀ ଏକ ପୁଲିସ ଟିମ୍ ? ସହ କମିଟିପଙ୍ଗା ହନୁମାନ ମନ୍ଦିର ନିକଟରେ ଚଢ଼ାଉ କରିଥିଲେ । ଏହି ସମୟରେ ଏକ ନୀଳ ରଙ୍ଗର ଟିଭିଏସ୍ ? ଜୁପିଟର ସ୍କୁଟିରେ ଗଞ୍ଜେଇ ନେଇ ଯାଉଥିବା ଜଣେ ଯୁବକଙ୍କୁ ଅଟକାଇ ଯାଞ୍ଚ କରାଯାଇଥିଲା ।ଯାଞ୍ଚ ବେଳେ ତାଙ୍କ ନିକଟରୁ ୧୦ କେଜି ଗଞ୍ଜେଇ ଜବତ ହୋଇଥିଲା । ଏଥିସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ ନୀଳ ରଙ୍ଗର ଟିଭିଏସ୍ ? ଜୁପିଟର ସ୍କୁଟି ଓ ଗୋଟିଏ ଓପୋ ମୋବାଇଲ୍ ? ଫୋନ୍ ?କୁ ପୁଲିସ ଜବତ କରିଛି । ଗିରଫ ଯୁବକ ଜଣକ ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ପରିମଣ୍ଡିପୁର ଗ୍ରାମର ପ୍ରସନ୍ନ କୁମାର ସ୍ୱାଇଁଙ୍କ ପୁଅ ସୁରେଶ ସ୍ୱାଇଁ ଓରଫ ହାପି (୩୧) ବୋଲି ଜଣାପଡ଼ିଛି । ଏହି ଘଟଣାରେ ବାଣିଗୋଛା ଥାନା କେସ୍ ? ନଂ ୧୫୫/୨୬.୧୧.୨୦୨୬, ଏନ୍ ?ଡିପିଏସ୍ ? ଆଇନର ଧାରା ୨୦(ବି)(ସସ)(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି । ଥାନା ଆଇଆଇସି ଏହି ମାମଲାର ତଦନ୍ତ ଦାୟିତ୍ୱରେ ରହିଛନ୍ତି । ଗିରଫ ଅଭିଯୁକ୍ତଙ୍କୁ ୨୮ ତାରିଖ ଦିନ ବିଚାର ବିଭାଗୀୟ ହାଜତକୁ ପଠାଯିବ ବୋଲି ବାଣିଗୋଛା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

ବାଲ୍ୟ ବିବାହ ମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ

ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ତାଲୁକ ଆଇନ ସେବା ସମିତି ପକ୍ଷରୁ ରେଢ଼ାଖୋଲ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ବାଳିକା ବିଦ୍ୟାଳୟ ଠାରେ ଶୁକ୍ରବାର ଦିନ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ ଉପରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ ସଞ୍ଜିବନୀ ପାଣଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତି ର ସଭାପତି ତଥା ଅତିରିକ୍ତ ଜିଲ୍ଲା ବିଚାରପତି ପାର୍ଥସାରଥୀ ପଟ୍ଟନାୟକ ଅଧ୍ୟକ୍ଷତା କରି ବାଲ୍ୟ ବିବାହ ନିଷେଧ ଉପରେ ଆଲୋକପାତ କରିଥିଲେ ଷ ବରିଷ୍ଠ ଦେୱାନୀ ବିଚାରପତି ସନ୍ତୋଷ କୁମାର ପାଣିଗ୍ରାହୀ ଏହି ଆଇନ୍ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କଳ୍ପନା ରାଉଳ ଶିକ୍ଷା ଓ ବିବାହ ଉପରେ ଆଲୋକପାତ କରିଥିଲେ । ସରକାରୀ ଓକିଲ ତୁଷାରକାନ୍ତ କର ଓ ସୁଜିତ୍ କୁମାର ପ୍ରଧାନ ଉକ୍ତ ଆଇନ୍ ସହ ତାଲୁକ୍ ଆଇନ୍ ସେବା ସମିତି ର କାର୍ଯ୍ୟ ଉପରେ ସଚେତନତା କରିଥିଲେ । ଶେଷରେ ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ବୈଠାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜାଡ଼ାପାରାରେ ପୋଲିସର ମିଳିତ ଅଭିଯାନ; ୧୦ରୁ ୧୫ ହଜାର ଗଞ୍ଜେଇ ଗଛ ନଷ୍ଟ

ରାଇଘର (ମହାଭାରତ): ନବରଙ୍ଗପୁର ଜିଲ୍ଲାରେ ବେଆଇନ ଗଞ୍ଜେଇ ଚାଷ ଉପରେ ରୋକ୍ ଲଗାଇବା ଓ ନିଶାଦ୍ରବ୍ୟ ଚାଷକୁ ମୂଳପୋଛ କରିବା ଉଦ୍ଦେଶ୍ୟରେ ପୋଲିସ ପକ୍ଷରୁ ଚାଲିଥିବା ଅଭିଯାନକୁ ଆହୁରି ଜୋରଦାର କରାଯାଇଛି । ରାଇଘର ଥାନା ଓଓଙ୍କ ନେତୃତ୍ୱରେ ରାଇଘର ଓ କୁନ୍ଦେଇ ଥାନା ପୋଲିସର ଏକ ମିଳିତ ଟିମ୍ ଜାଡ଼ାପାରା ଅଞ୍ଚଳରେ ଅଭିଯାନ ଚଳାଇ ବିପୁଳ ପରିମାଣର ଗଞ୍ଜେଇ ଗଛ ନଷ୍ଟ କରିଥିବା ସୂଚନା ମିଳିଛି ।ସୂଚନା ଅନୁଯାୟୀ, କୁନ୍ଦେଇ ଥାନା ଅଧୀନ ଜାଡ଼ାପାରା ଅଞ୍ଚଳରେ ପୋଲିସର ମିଳିତ ଅଭିଯାନ ସମୟରେ ପ୍ରାୟ ୧୦ ହଜାରରୁ ୧୫ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ଜଣାପଡ଼ିଛି । ଏହି ଅଭିଯାନରେ ରାଇଘର ଓ କୁନ୍ଦେଇ ପୋଲିସ ମିଳିତ ଭାବେ ସାମିଲ ହୋଇଥିଲେ ।ବେଆଇନ ଗଞ୍ଜେଇ ଚାଷ ଓ ନିଶାଦ୍ରବ୍ୟ କାରବାର ଉପରେ ନିୟନ୍ତ୍ରଣ ଆଣିବା ପାଇଁ ପୋଲିସ ପକ୍ଷରୁ ଏଭଳି ଅଭିଯାନ ଜାରି ରହିଛି । ଗଞ୍ଜେଇ ଚାଷ ଦ୍ୱାରା ସମାଜ ଓ ଯୁବପିଢ଼ି ଉପରେ ପଡୁଥିବା କୁପ୍ରଭାବକୁ ରୋକିବା ସହ ବେଆଇନ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବା ପୋଲିସର ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଚର୍ଚ୍ଚା ହେଉଛି ।ବେଆଇନ ଗଞ୍ଜେଇ ଚାଷ ବିରୋଧରେ ପୋଲିସର ଏହି ମିଳିତ ଅଭିଯାନ ଅଞ୍ଚଳରେ ନିଶାମୁକ୍ତ ପରିବେଶ ଗଠନ ଦିଗରେ ଏକ ପଦକ୍ଷେପ ଭାବେ ଦେଖାଯାଉଛି ।

ସମୁଦ୍ରରେ ମାଛ ଧରୁଥିବା ସମୟରେ ଘଟିଲା ଅଘଟଣ,ହଠାତ୍ ବୋଟ୍ ରେ ପଶିଗଲା ପାଣି

ପାରାଦ୍ୱୀପ, (ମହାଭାରତ) : ମଝି ସମୁଦ୍ରରେ ମାଛ ଧରୁଥିବା ସମୟରେ ଘଟିଲା ଅଘଟଣ,ହଠାତ୍ ବୋଟ୍ ରେ ପଶିଗଲା ପାଣି , ସମୁଦ୍ରରେ ଢଳିଗଲା ବୋଟ୍, ଭାସିଗଲା ମାଛ ଓ ଜାଲ । ପହଁରି ପହଁରି କୂଳକୁ ଫେରି ଆସି ଜୀବନ ବଞ୍ଚାଇଲେ ୭ ଜଣ ମତ୍ସ୍ୟଜୀବୀ। ବିଳମ୍ବିତ ରାତିରେ ସମୁଦ୍ରରୁ ମାଛ ଧରି ଫେରୁଥିବା ବେଳେ ଏଭଳି ଏକ ବଡ଼ ଅଘଟଣ ର ସମ୍ମୁଖୀନ ହୋଇଛନ୍ତି ମତ୍ସ୍ୟଜୀବୀ । ପାରାଦ୍ୱୀପ ଲାଇଟ୍ ହାଉସ ସମ୍ମୁଖ ଷଣ୍ଢକୁଦ ବସ୍ତି ପାଖାପାଖି ସମୁଦ୍ର ରେ ଘଟିଛି ଏଭଳି ଅଘଟଣ । ତେବେ ବୋଟ୍ ରେ ପାଣି ପଶିବା ର କାରଣ ଅସ୍ପଷ୍ଟ ଥିଲେ ମଧ୍ୟ କୌଣସି ଏକ ଜିନିଷ ବୋଟ୍ ର ତଳ ଅଂଶ ରେ ବାଜି ହଠାତ୍ ବୋଟ୍ ରେ ପାଣି ପଶିଥାଇ ପାରେ କିମ୍ବା ଅଧିକ ଲୋଡିଂ ଯୋଗୁଁ ବୋଟ୍ ର କୌଣସି ଅଂଶ ଭାଙ୍ଗି ଯିବାରୁ ପାଣି ପଶିଥିବା ଅନୁମାନ କରିଛନ୍ତି ମତ୍ସ୍ୟଯିବି । ଦୀର୍ଘ ୧୭ ବର୍ଷ ତଳେ ଉକ୍ତ ସ୍ଥାନରେ ଏକ ଲୁହାପଥର ବୋଝେଇ ଜାହାଜ ବୁଡ଼ି ଯାଇଥିବା ବେଳେ, ଏବେବି ଉକ୍ତ ଜାହାଜ ସେହିଠାରେ ସମୁଦ୍ର ଭିତରେ ପୋତି ହୋଇ ରହିଛି । ଏବଂ ଏହା ଉପରକୁ ଦେଖା ଯାଉ ନାହିଁ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସମୁଦ୍ର କୂଳରେ ଏହି ଅଘଟଣ ଘଟିଥିବାରୁ ଉକ୍ତ ବୋଟ୍ ରେ ଥିବା ସମସ୍ତ ୭ ଜଣ ମତ୍ସ୍ୟଜୀବୀ ପହଁରି ପହଁରି କୂଳକୁ ଫେରି ଜୀବନ ବଞ୍ଚାଇଥିବା ବେଳେ ବୋଟ ଟି ଅଧାଭଙ୍ଗା ଅବସ୍ଥାରେ ଭାସି ଭାସି ଆସି କୂଳରେ ଲାଗିଛି । ବୋଟ ଭାଙ୍ଗିରୁଜି ଯାଇଥିବା ବେଳେ ମାଛ, ଜାଲ ସହିତ ବୋଟ ରେ ରହିଥିବା ବିଭିନ୍ନ ସାମଗ୍ରୀ ପାଣିରେ ଭାସିଯାଇଛି । ଯାହାକୁ ନେଇ ବୋଟ ମାଲିକ ମୁଣ୍ଡ ରେ ହାତଦେଇ ଆଖିରୁ ଲୁହ ଗଡ଼ାଇ ସରକାରଙ୍କୁ ଗୁହାରି କରିଛନ୍ତି । ପାଖାପାଖି ଚାଳିଶି ଲକ୍ଷ ଟଙ୍କା କ୍ଷୟକ୍ଷତି ହୋଇଥିବା ନେଇ କହିଛନ୍ତି ବୋଟ ମାଲିକ ।



ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ ଅନୁଷ୍ଠିତ



ଗଜପତି, (ମହାଭାରତ) : ଗଜପତି ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ୍ ସମ୍ମିଳନୀ କକ୍ଷ ଠାରେ ଡେପୁଟି କଲେକ୍ଟର ଶ୍ରୀ ବିନାୟକ ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ଆଧାର ପଞ୍ଜୀକରଣ ଓ ଆଧାର କାର୍ଡ ଅପଡେଟ୍ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ପ୍ରତ୍ୟେକ ବ୍ୟକ୍ତି ୧୦ ବର୍ଷରେ ଆଧାର କାର୍ଡରେ ଥିବା ବ୍ୟକ୍ତିଗତ ଓ ଠିକଣା ସମ୍ବନ୍ଧୀୟ ତଥ୍ୟ ଅପଡେଟ୍ କରିବା ଆବଶ୍ୟକ । ଏଥିପାଇଁ ଜିଲ୍ଲାରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ମଧ୍ୟ ଆଲୋଚନା କରାଯାଇଛି ।ସେହିପରି ବ୍ୟାଙ୍କ ଖାତା ଖୋଲିବା, ରାସନ କାର୍ଡ, ଛାତ୍ରବୃତ୍ତି ଏବଂ ବିଭିନ୍ନ ସରକାରୀ ଯୋଜନାର ସୁବିଧା ପାଇବା କ୍ଷେତ୍ରରେ ଆଧାର କାର୍ଡର ଗୁରୁତ୍ୱ ରହିଛି । ଏଥିସହ ରାସନ କାର୍ଡ ବ୍ୟବସ୍ଥା, ବ୍ୟାଙ୍କ ଋଣ ଆବେଦନ ଓ ଆୟକର ରିଟର୍ଣ୍ଣ ଦାଖଲ ଆଦି କ୍ଷେତ୍ରରେ ମଧ୍ୟ ଆଧାରର ଆବଶ୍ୟକତା ରହିଛି । ତେଣୁ ଆଧାର ସହ ମୋବାଇଲ ନମ୍ବର ସଂଯୋଗ କରିବା ସହ ଆବଶ୍ୟକୀୟ ତଥ୍ୟ ଅପଡେଟ୍ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା । ଆଧାର କାର୍ଡ ଅପଡେଟ୍ ପାଇଁ ଜନସାଧାରଣ ଷଷ୍ପଷ୍ପକ୍ଷ୍ଣ://ଙ୍କଇବବୟଷବବକ୍ଷଙ୍କପଯବସ୍ଶଙ୍କୁଙ୍କ.ଘଭ ଓ୍ୱେବସାଇଟ୍ ମାଧ୍ୟମରେ ଅନଲାଇନ୍ ?ରେ ଆବେଦନ କରିପାରିବେ । ଏଥିସହ ଜିଲ୍ଲାର ବିଭିନ୍ନ ଜନସେବା କେନ୍ଦ୍ର ସମେତ ଡାକଘର, ବିଭିନ୍ନ ବ୍ୟାଙ୍କ, ବ୍ଲକ କାର୍ଯ୍ୟାଳୟ, ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଆଧାର ସମ୍ବନ୍ଧୀୟ ସେବା ଉପଲବ୍ଧ ରହିଛି । ଜିଲ୍ଲାର ୦ରୁ ୫ ବର୍ଷ ବୟସର ଶିଶୁମାନଙ୍କ ଆଧାର ପଞ୍ଜୀକରଣ ହାର ବୃଦ୍ଧି କରିବା ସହ ୫ ବର୍ଷ ଓ ୧୫ ବର୍ଷ ବୟସରେ ଆବଶ୍ୟକୀୟ ବାୟୋମେଟ୍ରିକ୍ ଅପଡେଟ୍ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଆଧାର ପଞ୍ଜୀକରଣ ଓ ଅପଡେଟ୍ ପ୍ରକ୍ରିୟାକୁ ସହଜ କରିବା ପାଇଁ ପ୍ରତ୍ୟେକ ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର ଶିବିର ଆୟୋଜନ କରିବାକୁ ସ୍ଥିର କରାଯାଇଥିଲା । ଏଥିସହ ମୋବାଇଲ ନମ୍ବର ସଂଯୋଗ, ବାୟୋମେଟ୍ରିକ୍ ଓ ଆବଶ୍ୟକୀୟ ଦସ୍ତାବିଜ ଅପଡେଟ୍ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ଡିଏସପି ଶ୍ରୀ ଠାକୁରଦାସ ମୁର୍ମୁ , ଲିଡ୍ ବ୍ୟାଙ୍କ ମ୍ୟାନେଜର ଶ୍ରୀ ଅଭିଷେକ ମିଶ୍ର,ଜିଲ୍ଲା ଜିଲ୍ଲା ସାମାଜିକ ସୁରକ୍ଷା ପ୍ରୋଗ୍ରାମ ଅଧିକାରୀ ଶ୍ରୀମତୀ ସ୍ୱିଗ୍ଧାରାଣୀ ଭୁଁୟା, ଶ୍ରୀ ଚିରଞ୍ଜୀବୀ ଦୋରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ଆଧାର କେନ୍ଦ୍ରର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ପାରାଦୀପରେ 'ରୋଟାରୀ କନେକ୍ଟ ୩୬୦' : ଏଆଇ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହେଲେ ୧୫୭ ଛାତ୍ରଛାତ୍ରୀ



ପାରାଦୀପ, (ମହାଭାରତ): ଆଧୁନିକ ଜ୍ଞାନକୌଶଳ ସହ ଛାତ୍ରଛାତ୍ରୀଙ୍କୁ ପରିଚିତ କରାଇବା ଏବଂ ଡିଜିଟାଲ୍ ଶିକ୍ଷାର ପ୍ରସାର ଲକ୍ଷ୍ୟରେ ପାରାଦୀପର ରୋଟାରୀ କ୍ଲବ୍ ପକ୍ଷରୁ ସ୍ଥାନୀୟ ପାରାଦୀପଗଡ଼ସ୍ଥିତ ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟରେ 'ରୋଟାରୀ କନେକ୍ଟ ୩୬୦' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ରୋଟାରୀ ଇଣ୍ଟରନ୍ୟାସନାଲ ଡିଷ୍ଟ୍ରିକ୍ଟ ୩୨୬୨ ଏବଂ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ୍)ର ମିଳିତ ସହଯୋଗ ତଥା ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ୧୫୭ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ମୌଳିକ ଧାରଣା, ଦୈନନ୍ଦିନ ଜୀବନ ଓ ଶିକ୍ଷା କ୍ଷେତ୍ରରେ ଏହାର ଉପଯୋଗିତା ଏବଂ ଭବିଷ୍ୟତରେ ଏହାର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏଥିସହ ଏଆଇ ର ସୁବିବେଚିତ, ଦାୟିତ୍ୱପୂର୍ଣ୍ଣ ଓ ସୁରକ୍ଷିତ ବ୍ୟବହାର ଉପରେ ମଧ୍ୟ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା । ପାରାଦୀପ ରୋଟାରୀ କ୍ଲବ୍ ର ସଭାପତି ରୋଟାରିଆନ୍ ଅକ୍ଷୟ ଚନ୍ଦ୍ର ସୁତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରପାଳିକା ର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଲବ୍ ସମ୍ପାଦକ ରୋଟାରିଆନ୍ କାଳୀ ପ୍ରସାଦ ମିଶ୍ର, ଡ. ପ୍ରଶାନ୍ତ ମହାପାତ୍ର, ପ୍ରଫେସର ଅକ୍ଷୟ ମିଶ୍ର, ଦୀପକ ଷଡ଼ଙ୍ଗୀ, ବିପ୍ଳବ କୁମାର ଜେନା ଏବଂ ରଞ୍ଜିତ କୁମାର ବୋମାଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶେଷରେ କ୍ଲବ୍ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

ଶାଶ୍ୱତ କୁମାର ଭାରତୀୟ ଆନ୍ତର୍ଯ୍ୟାତିୟ ବିଚ୍ ଭଲିବଲ କୋଚିଂ କୋର୍ସରେ ସଫଳ

ପାରାଦ୍ୱୀପ, (ମହାଭାରତ) : ଆନ୍ତର୍ଜାତିକ ଭଲିବଲ ମହାସଂଘ ଦ୍ୱାରା କିଟ୍ ୟୁନିଭରସିଟି ଠାରେ ଆୟୋଜିତ ଅନ୍ତର୍ଜାତୀୟ ବିଚ୍ ଭଲିବଲ କୋଚିଂ ପାଇଁ ଏଫ୍ଆଇଭିବି ବିଚ୍ ଭଲିବଲ ଲେଭେଲ୍-୧ କୋର୍ସ ରେ ଭାରତୀୟ ଭଲିବଲ ସଂଘ ଦ୍ୱାରା ମନୋନୀତ ହୋଇ ଶାଶ୍ୱତ କୁମାର ଭାରତୀୟ ଅଂଶ ଗ୍ରହଣ କରି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି କୋଚିଂ ଗତ ନଭେମ୍ବର ୨୨ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ହୋଇଥିଲା କ୍ଷ ସାରା ବିଶ୍ୱର ୨୫ ଜଣ ଆନ୍ତର୍ଜାତିକ ବିଚ ଭଲିବଲ କୋଚ୍ ଏହି କୋର୍ସ ରେ ଅଂଗ୍ରହଣ କରିଥିଲେକ୍ଷ । କଟାରର ବିଶିଷ୍ଟ ଆନ୍ତର୍ଜାତିକ ବିଚ୍ ଭଲିବଲ କୋଚ୍ ମହମ୍ମଦ ବେହ୍ନମିଦା ଏହି କୋର୍ସ ଦୀର୍ଘ ପାଞ୍ଚ ଦିନ ଧରି ପରିଚାଳନା କରିଥିଲେ ଓ ବିଚ୍ ଭଲିବଲ ଖେଳର ବିଭିନ୍ନ ନିୟମ ତଥା ଖେଳର କୌଶଳ ପରୀକ୍ଷାର୍ଥୀ ମାନକୁ ଶିଖାଇଥିଲେ । ଶାଶ୍ୱତ ପରେ ଆରମ୍ଭ ହୋଇଥିଲା ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ । ଛାତ୍ରଛାତ୍ରୀମାନେ ନିଜ ନିଜର ପ୍ରକଳ୍ପକୁ ଉପସ୍ଥାପନ କରି ଅତିଥି ଓ ଦର୍ଶକଙ୍କୁ ବିଜ୍ଞାନର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରାଇଥିଲେ । କ୍ଷେତ୍ରବାସୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତାରିଣୀ ପ୍ରସାଦ ଦାସ ଏବଂ ବାପୁଜୀ ନୋଡାଲ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି ବିଚାରକ ଭାବେ ।

କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା

ଧାମନଗର, (ମହାଭାରତ)ବିଜ୍ଞାନ ହେଉଛି ଜ୍ଞାନର ଆଲୋକ, ଆଉ ନୂତନ ଆବିଷ୍କାର ହେଉଛି ଭବିଷ୍ୟତର ଆଶା । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା, ସୃଜନଶୀଳତା ଓ ଅନୁସନ୍ଧାନମୂଳକ ମନୋଭାବର ବିକାଶ ଲକ୍ଷ୍ୟରେ ଧାମନଗର ବ୍ଲକ କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଛି ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା । ଏହି ମେଳାରେ କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରଛାତ୍ରୀଙ୍କ ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ବିଜ୍ଞାନଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ଶିକ୍ଷା, ନୂତନ ଚିନ୍ତାଧାରା ଓ ପ୍ରତିଭାର ଏକ ସୁନ୍ଦର ସମାଗମ ଦେଖିବାକୁ ମିଳିଥିଲା ।ଧାମନଗର ବ୍ଲକ କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସକାଳ ୧୦ଟା ୩୦ ମିନିଟ୍ ?ରେ ଅତିଥିମାନେ ଫିତା କାଟି ବିଜ୍ଞାନ ମେଳାର ଶୁଭ ଉଦ୍ ?ଘାଟନ କରିଥିଲେ । ପରେ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା ଏକ ସାଧାରଣ ସଭା ।ସଭାରେ ଆସୁରାଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସସ୍ମିତା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଜାହାଙ୍ଗୀର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟଦର୍ଶୀ କୁଅଁର, ପାଞ୍ଚସଖା ଶିକ୍ଷା ସେତୁର ଅଧକ୍ଷ ବିଜୟ ମିଶ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଦେବାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଖିଲାର ସଭାପତିତ୍ୱ କରିଥିଲେ ।

ଏହି ଅବସରରେ ଅତିଥିମାନେ ବିଜ୍ଞାନର ଅଗ୍ରଗତି, ଦୈନନ୍ଦିନ ଜୀବନରେ ବିଜ୍ଞାନର ଉପକାରିତା ଏବଂ ଛାତ୍ରଛାତ୍ରୀଙ୍କ ମନରେ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ପରେ ଆରମ୍ଭ ହୋଇଥିଲା ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ । ଛାତ୍ରଛାତ୍ରୀମାନେ ନିଜ ନିଜର ପ୍ରକଳ୍ପକୁ ଉପସ୍ଥାପନ କରି ଅତିଥି ଓ ଦର୍ଶକଙ୍କୁ ବିଜ୍ଞାନର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରାଇଥିଲେ । କ୍ଷେତ୍ରବାସୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତାରିଣୀ ପ୍ରସାଦ ଦାସ ଏବଂ ବାପୁଜୀ ନୋଡାଲ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି ବିଚାରକ ଭାବେ ।

ବ୍ଲକସ୍ତରୀୟ ବିଜ୍ଞାନ ମେଳା



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ଶନିବାର, ୨୮.୧୧.୨୦୨୬

କଳାହାଣ୍ଡି ଜିଲ୍ଲାର ୨୭ ତମ ସାରସ୍ୱତ ଜିଲ୍ଲା ଭକ୍ତ ସମ୍ମିଳନୀ ଦ୍ୱିତୀୟରେ

ଗଜପତି(ମହାଭାରତ): ପରିବ୍ରାଜକାଚାର୍ଯ୍ୟ ଶ୍ରୀ ଶ୍ରୀ ୧୦୮ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ପରମହଂସ ଦେବଙ୍କ ପ୍ରବର୍ତ୍ତିତ ସପ୍ତବିଧାନୋକ୍ତ ଅବିଭକ୍ତ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର ୨୭ତମ ସାରସ୍ୱତ ଜିଲ୍ଲା ଭକ୍ତ ସମ୍ମିଳନୀ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି । ଆଜି ପ୍ରାତଃ ୫.୩୦ ରେ ପ୍ରଭାତୀ କୀର୍ତ୍ତନ,ଶ୍ରୀ ଶ୍ରୀ ଠାକୁର ମହାରାଜାଙ୍କ ନିରାଜନା, ମଙ୍ଗଳ ଆଳତୀ ,ସ୍ତବ, ସ୍ତୋତ୍ରବନ୍ଦନା, ଶ୍ରୀମଦ ଭଗବତ ଗୀତା,ସପ୍ତ ସତୀଚଣ୍ଡୀ ପାଠ ଓ ଜୟଗୁରୁ ମହାନାମ ଗାନ କରି ପରଦା ପତନ କରାଯାଏ । ପ୍ରାତଃ ଅଧିବେଶନ ସମାପ୍ତ ପରେ ଭବବନ୍ଧନ ମୋଚନ ପୂଜ୍ୟ ଗୁଣ ହୀନ ମୋ ଶେଷ ଗୁଣାଧିକତାମ ଦ୍ୱିତୀୟ ଦିନର ପ୍ରଥମ ଅଧିବେଶନ ସମାପ୍ତ ହୋଇଥିଲା ।ସନ୍ଧ୍ୟା ସମୟରେ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ଏହି ସରସ୍ୱତ ଭକ୍ତ ସମ୍ମିଳନୀ ରାୟଗଡ଼ାର ରାମକୃଷ୍ଣ ନଗର ସ୍ଥିତ ନିଗମାନନ୍ଦ ସାରସ୍ୱତ ଆଶ୍ରମ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ।ଏହି ସମ୍ମିଳନୀରେ ଆସାମ-ବଙ୍ଗୀୟ ସାରସ୍ୱତ ମଠ, କୋକିଳାମୁଖର ପୂଜ୍ୟପାଦ ମହନ୍ତ ଶ୍ରୀମତ୍ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ସମେତ ସାରସ୍ୱତ ଜଗତର ଅନେକ ପ୍ରବୀଣ ସାଧୁସନ୍ଥ,ତତ୍ତ୍ୱବଧ।ୟିକା ସମିତିର ସମ୍ପାଦକ, ବିଭିନ୍ନ ବିଭାଗର ବିଭାଗୀୟ ସଦସ୍ୟ, ଜିଲ୍ଲା ସଦସ୍ୟଙ୍କ ସମେତ ଭକ୍ତମାନେ ଉପସ୍ଥିତ ରହି ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କର ଜଗଦ୍ଧିତକର କାର୍ଯ୍ୟରେ ସହାୟତା ହେବା ସହ ଠାକୁର ଙ୍କର ଆଶିଷ ନେଇଛନ୍ତି । ଗଜପତି ରୁ ବିବେକାନନ୍ଦ ବେହେରା

ଥାନା ଅଦାଲତ ଓ ଶିକ୍ଷାନୁଷ୍ଠାନରେ ରାଷ୍ଟ୍ରୀୟ ସମ୍ବିଧାନ ଦିବସ ପାଳିତ

ଓଡ଼ଗାଁ,(ମହାଭାରତ):ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳସ୍ଥିତ ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଘଝଯ) ଆନୁକୂଲ୍ୟରେ ରାଷ୍ଟ୍ରୀୟ ସମ୍ବିଧାନ ଦିବସ ଗୁରୁବାର ପାଳିତ ହୋଇଯାଇଛି ।ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଭାରତୀୟ ସମ୍ବିଧାନର ମହତ୍ତ୍ୱ,ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।ରାଜନୀତି ବିଭାଗାଧ୍ୟକ୍ଷ ଅବନୀକାନ୍ତ ପାତ୍ର, ଇଂରାଜୀ ଅଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ ନିଜ ବକ୍ତବ୍ୟରେ ଭାରତୀୟ ସମ୍ବିଧାନର ପ୍ରଣେତା ଡ.ବି.ଆ.ଁଆମ୍ବେଦକରଙ୍କ ଅବଦାନ ସ୍ମରଣ କରିବା ସହିତ ଗଣତନ୍ତ୍ର,ଧର୍ମନିରପେକ୍ଷତା,ସାମାଜିକ ନ୍ୟାୟ,ସମାନତା ଓ ଭ୍ରାତୃତ୍ୱର ଆଦର୍ଶକୁ ଜୀବନରେ ଅନୁସରଣ କରିବାପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ ।ଏହି ଅବସରରେ ଉପସ୍ଥିତ ଅଧ୍ୟାପକ,କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ପାଠକରି ସମ୍ବିଧାନର ମୂଲ୍ୟବୋଧ ଓ ଆଦର୍ଶକୁ ସମ୍ମାନ ଜଣାଇବାସହ ଏକ ସୁଦୃଢ଼, ସମୃଦ୍ଧ ଓ ଦାୟିତ୍ୱବାନ ରାଷ୍ଟ୍ର ଗଠନରେ ନିଜର ଯୋଗଦାନ ଦେବାକୁ ମହାବିଦ୍ୟାଳୟର ଛାତ୍ର ସଂସଦର ସଭାପତି ସୁଶ୍ରୀ ମନସ୍ୱିନୀ ପୃଷ୍ଟିଙ୍କ ଦ୍ୱାରା ସମୂହ ଶପଥପାଠ କରାଯାଇଥିଲା ।କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ସାସ୍କୃତିକ ସମ୍ପାଦକ ତୃପ୍ତୀମୟୀ ସାହୁ ଏବଂ କ୍ରିଡା ସମ୍ପାଦକ ଅଲେଖ ପ୍ରଧାନ ଯୋଗଦେଇ ସମାବେଶକୁ ସୁସଂଗଠିତ କରିଥିଲେ ।ଜାତୀୟ ସେବା ଯୋଜନା ଅଧିକାରୀ ବିଜୟାନନ୍ଦ ଶତପଥୀ ସମସ୍ତ ସହଯୋଗୀ ଓ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଅର୍ପଣକରିଥିଲେ ।ଅନୁରୂପ ଭାବେ ଓଡ଼ଗାଁ ଅବାଲତରେ ତାଲୁକା ଆଇନସେବା ପ୍ରାଧୁକରଣ କମିଟି ସଚିବ ତଥା ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସଂଘମିତ୍ରା ଶର୍ମାଙ୍କ ଅଧ୍ୟକ୍ଷତାରେ ବାର୍ ଆସେସିଏସନରେ ପାଳିତ ହୋଇଥିଲା ।ସେହିପରି ଓଡ଼ଗାଁ ଆଦର୍ଶ ଥାନାରେ ଆଇଆଇସି ସତ୍ୟନାରାୟଣ ବାରିକଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳନ ଅବସରରେ ଶପଥପାଠ କରାଯାଇଥିବା ବେଳେ ସ୍ଥାନୀୟ ପିମିଟ୍ କଲେଜରେ ମଧ୍ୟ ସମ୍ବିଧାନ ଦିବସ ପାଳିତ ହୋଇଥିବା ଜଣାପଡ଼ିଛି ।

ଅଷ୍ଟଶମ୍ଭୁ ବିଦ୍ୟାନିକେତନରେ ୧୩୦ ଛାତ୍ରଛାତ୍ରୀଙ୍କ ଯୋଗଦାନ

ପରଜଙ୍ଗ-(ମହାଭାରତ)ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ଅଷ୍ଟଶମ୍ଭୁ ବିଦ୍ୟାନିକେତନ, କୁଆଳୋ ଠାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ୨୦୨୬-୨୦୨୭ ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନ ମେଳାରେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକ ସଭାପତିତ୍ୱ କରିଥିବାବେଳେ ବ୍ଲକ ଅଧକ୍ଷା ଶ୍ରୀମତୀ ଶର୍ମିଷ୍ଠା ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷା ଯଶସ୍ୱିନୀ ରାଉତ, ବିଡିଓ ସୌଭାଗ୍ୟ ବେହେରା ଓ ପ୍ରଧାନ ଶିକ୍ଷୟିତ୍ରୀ ଝରଣା ସାହୁ ଯୋଗ ଦେଇଥିଲେ ।ସେହିପରି ମଞ୍ଚାସୀନ ଅତିଥି ଭାବେ କୁଆଳୋ ସରପଞ୍ଚ ଅଜିତ କୁମାର ସାହୁ, ଉମାକାନ୍ତ ନନ୍ଦ, ମହେଶ ଚନ୍ଦ୍ର ନାୟକ, ପ୍ରତିଭା ବିଶ୍ୱାଳ, ଶୁଭେନ୍ଦୁ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ଏବଂ କୁଆଳ କଲେଜର ଅତିରିକ୍ତ ଅଧ୍ୟାପକ ନିଗମାନନ୍ଦ ସାହୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଦୁଷ୍ମନ୍ତ ସାହୁ ପରିଚାଳନା କରିଥିଲେ । ଏହି ମେଳାରେ ବ୍ଲକର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଅତିଥିବୃନ୍ଦ ମଧ୍ୟ ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ, ଅନୁସନ୍ଧାନମୂଳକ ଚିନ୍ତାଧାରା ଓ ସୃଜନଶୀଳତାର ବିକାଶ ଦିଗରେ ଏହି ମେଳା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପାଲଟିଥିଲା ।

ଜାତୀୟ ସେବା ଯୋଜନା ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ନୂଆପଡା(ମହାଭାରତ) ଖଡ଼ିଆଳ ସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ପକ୍ଷରୁ ଭାରତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କଲେଜ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା । କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅଧ୍ୟାପକ ୟାମିନ ମହମ୍ମଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଏନଏସଏସ ଜିଲା ଅଧିକାରୀ ଅଧ୍ୟାପିକା ପ୍ରଣତୀ ପଣ୍ଡା, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ରୁପବନ୍ତ ଭୋଇ ଓ ଜୀତେନ୍ଦ୍ର କଳସାଏ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭାରେ ଭାରତୀୟ ସମ୍ବିଧାନର ମହତ୍ତ୍ୱ, ନାଗରିକଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ, ଗଣତନ୍ତ୍ରର ମୂଲ୍ୟବୋଧ ଏବଂ ସମ୍ବିଧାନ ପ୍ରତି ସମ୍ମାନ ରକ୍ଷା କରିବାର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା । ଏହି ଦିବସ ଅବସରରେ ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ବିଧାନର ଆଦର୍ଶ ଓ ମୂଲ୍ୟବୋଧକୁ ନିଜ ଜୀବନରେ ଅନୁସରଣ କରିବା ସହ ଦେଶର ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ଗଢ଼ିଉଠିବାକୁ ଆହ୍ୱାନ କରାଯାଇଥିଲା । ଏହି ଅବସରରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଯୁକ୍ତ ଦୁଇ ଏନଏସଏସ ଅଧିକାରୀ ଜିତେନ୍ଦ୍ର କଳସାଏ ଓ ଅଧ୍ୟାପକ ବିବେକ ସାହୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ, ଅଧ୍ୟାପିକା, ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ । ସ୍ୱେଚ୍ଛାସେବୀ ମନିଶ୍ରୀ ବାଗ, ପୁରୁଷୋତ୍ତମ ରଣା, ଜଗପତି ମହାନନ୍ଦ ପ୍ରମୁଖ ନେତୃତ୍ୱ ନେଇଥିଲେ ।

ଦାଶିଗାଁ ସାପ୍ତାହିକ ବଜାର ପ୍ରାଙ୍ଗଣ ଠାରେ ଚାଷୀ କମିଟି ଗଠିତ



ଜୁନାଗଡ଼ (ମହାଭାରତ)କଳାହାଣ୍ଡି କୃଷିଜିବୀ କଲ୍ୟାଣ ସଂଘର ଆବାହକ ଡ଼ା ବିଶ୍ୱନାଥ କର ଙ୍କ ଆହ୍ୱାନ କ୍ରମେ ଗାଁ କୁ ଚାଲ ଅଭିଯାନ ଦ୍ୱାରା ଜୁନାଗଡ ବ୍ଲକ୍ ସ୍ଥିତ ଦାଶିଗାଁ ସାପ୍ତାହିକ ବଜାର ପ୍ରାଙ୍ଗଣ ଠାରେ ଦାଶିଗାଁ ଗ୍ରାମ ପଂଚାୟତର ଚାଷୀ କମିଟି ଗଠନ ହୋଇ ଯାଇଛି । ଉକ୍ତ ବୈଠକରେ ଦାଶିଗାଁ ଗ୍ରାମ ପଂଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ଭାଇ ଭଉଣୀଙ୍କ ଉପସ୍ଥିତରେ ଏକ ସଭା ଅନୁଷ୍ଠିତ ହୋଇଥିଲା, ଉକ୍ତ ସଭାରେ ବରିଷ୍ଠ ଚାଷୀ ଶ୍ରୀଯୁକ୍ତ ପଞ୍ଚାନନ ଲହଜଲ୍ ସଭାପତିତ୍ୱ କରିଥିଲେ ଓ କଳାହାଣ୍ଡି କୃଷିଜିବୀ କଲ୍ୟାଣ ସଂଘର ଆବାହକ ତଥା ବରିଷ୍ଠ ସମାଜସେବୀ ଡ଼ା. ବିଶ୍ୱନାଥ କର ସଭା ପରିଚାଳନା କରି ସଂଗଠନକୁ ଗ୍ରାମାଭିମୁଖୀ ଓ ସଶକ୍ତୀ କରଣ ଉପରେ ଗୁରୁତ୍ୱ ଦେଇ ସମଗ୍ର ଜିଲ୍ଲାରେ ଗ୍ରାମ୍ୟ ଚାଷୀ କମିଟି, ପଂଚାୟତ ସ୍ତରୀୟ ଚାଷୀ କମିଟି ଓ ବ୍ଲକ୍ ସ୍ତରୀୟ ଚାଷୀ ଗମିଟି ଗଠନ ଉପରେ ପୁଙ୍ଖାନପୁଙ୍ଖ ଆଲୋଚନା କଲା ପରେ ଅଦ୍ୟ ସଭାରେ ସମସ୍ତ ଚାଷୀଙ୍କ ସହମତି ରେ ଏହି ପଂଚାୟତର ଚାଷୀ କମିଟି ଗଠନ ହୋଇଥିଲା । ସଭାପତି ରୂପେ ପୂର୍ବତନ ସରପଞ୍ଚ ଶ୍ରୀନିବାସ ସାହୁ, ସମ୍ପାଦକ ରୂପେ ରବି ବେମାଲ ଓ ଉପସଭାପତି ରୂପେ ପ୍ରମୋଦ କୁମାର ବେହେରା ସର୍ବ ସମ୍ମତି ରୂପେ ଚୟନ ହୋଇ ସମସ୍ତ ନେତୃ ମଣ୍ଡଳୀଙ୍କ ଗହଣରେ ଶପଥ ଗ୍ରହଣ କରିଥିଲେ । ଆଗାମୀ ଦିନରେ ଚାଷୀ ସଂଗଠନ କୁ ଗ୍ରାମାଭିମୁଖୀ କରି ଚାଷୀଙ୍କ ହକ୍ ଓ ଅଧିକାରକୁ ବଜାୟ ରଖିବାକୁ ଉପସ୍ଥିତ ଚାଷୀମାନେ ବକ୍ତବ୍ୟରେ ପ୍ରକାଶ କରି ମଣ୍ଡିରେ ଧାନ ବିକିବା ପାଇଁ ସରକାରଙ୍କ ଏଗ୍ରୀଷ୍କିକ ନିୟମକୁ ବିରୋଧ, ରାସାୟନିକ ସାର ଓ କୀଟନାଶକ ଔଷଧର ଆଶାତୀତ ଦର ବୃଦ୍ଧିକୁ ବିରୋଧ, ଧାନ କିଣା ରେ ଦଲାଲି ରୋକିବା, କଟନି ଛଟନି ବନ୍ଦ୍ କରିବା, ବସ୍ତା ବାବଦରେ ଏକ କେଜି ଧାନରୁ ଅଧିକ ଧାନ ଦଲାଲ ମାନେ ଚାଷୀଙ୍କ ଠୁ ନେବା ବନ୍ଦ୍ କରିବା ଓ ନିର୍ଦ୍ଧିଷ୍ଟ ସମୟରେ ସମସ୍ତ ଚାଷୀଙ୍କ ଧାନକୁ ତୁରନ୍ତ କିଣି ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ଖାତା ରେ ପଇସା ଜମା କରିବାକୁ ଉପସ୍ଥିତ ସମସ୍ତ ଚାଷୀ ବୃନ୍ଦ ନିଜ ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ଦାମୋଦର ବେହେରା, ଗୌର ବାଗ, ଗୋପୀନାଥ ନାଏକ, ଚନ୍ଦ୍ର ବାଗ, ରାଜାରାମ ଡଙ୍ଗରି, ସୁନାସିର ବେମାଲ, ଭାସ୍କର ବେମାଲ, ଦଶରଥ ହାତୀ, ଡ୍ରାଇଭର କୁମାର, ବାରୁ ସୁନାନୀ, ବଂଶୀଧର ଦୁର୍ଗା, ପବିତ୍ର ଦୁର୍ଗା, କିଶୋର ମାଝୀ, ଯୁବରାଜ ବାଗ, ସଦାଶିବ ପ୍ରଧାନୀ, କ୍ଷେତ୍ର ମାଝୀ, ଶ୍ରୀଧର ନିଆଲ, ପରମେଶ୍ୱର ନାଏକ, ମଙ୍ଗନିଆ ଭାଟି, ପରମାନନ୍ଦ ପ୍ରଧାନୀ ଓ କୃଷ୍ଣ ଭାଟି ପ୍ରମୁଖ ଚାଷୀନେତା ନିଜ ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ଶ୍ରୀଯୁକ୍ତ ପଞ୍ଚାନନ ଲହଜଲ ସ୍ୱାଗତ ଅଭିଭାଷଣ ପ୍ରଦାନ ଓ ଶ୍ରୀନିବାସ ସାହୁ ଧନ୍ୟବାଦ ଜ୍ଞାପନ କରି ସଭା ସାଙ୍ଗ କରିଥିଲେ ।

ସମ୍ବିଧାନ ଦିବସ ଅବସରରେ 'ବିକଶିତ ଭାରତ ଯୁବ ସଂବାଦ' କାର୍ଯ୍ୟକ୍ରମ

ଗଜପତି(ମହାଭାରତ): ସମ୍ବିଧାନ ଦିବସ ଅବସରରେ ମେରା ଯୁବା ଭାରତ ଗଜପତି ପକ୍ଷରୁ ରାୟଗଡ଼ା ବ୍ଲକ୍ର ସେବକପୁରସ୍ଥିତ ପଶୁରାମ ଗୁରୁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ 'ବିକଶିତ ଭାରତ ଯୁବ ସଂବାଦ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ଶ୍ରୀ ଶଶିକାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଡାକ୍ତର ତୁଫାନ ନାୟକ (ଗଈଇଝ, ମେଡିକାଲ ଅଫିସର), ଶ୍ରୀମତୀ ରଶ୍ମିତା କୁମାରୀ ପାତ୍ର (ଉରଗଙ, ଶିକ୍ଷା) ଏବଂ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇଥିଲେ । ଏଥିସହ ଯୁବ ଆଇକନ୍ ଶ୍ରୀ ବରେଣ୍ୟ ରଇତା ମଧ୍ୟ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମର ଶୁଭାରମ୍ଭ ଦୀପ ପ୍ରଜ୍ୱଳନ ଓ ଅତିଥିମାନଙ୍କୁ ସ୍ୱାଗତ ସହିତ କରାଯାଇଥିଲା । ପରେ ମାଇ ଭାରତ କର୍ମଚାରୀ ଶ୍ରୀ ଭି. ଭବାନୀ ପ୍ରସାଦଙ୍କ ଦ୍ୱାରା ଅତିଥି ଓ ଯୁବ ଆଇକନ୍ ?ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥିମାନେ ନିଜ ବକ୍ତବ୍ୟରେ ଭାରତୀୟ ସମ୍ବିଧାନର ମୂଲ୍ୟବୋଧ, ଯୁବପିଢ଼ିଙ୍କ ଦାୟିତ୍ୱ ଏବଂ ଏକ ବିକଶିତ ଭାରତ ଗଠନରେ ଯୁବସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ । ଏହାପରେ ଯୁବ ଆଇକନ୍ ଶ୍ରୀ ବରେଣ୍ୟ ରଇତା 'ବିକଶିତ ଭାରତ ଅ ୨୦୪୭' ଏବଂ 'ନିଶାମୁକ୍ତ ଯୁବପିଢ଼ି' ବିଷୟବସ୍ତୁ ଉପରେ ଏକ ସଚେତନତାମୂଳକ ଉପସ୍ଥାପନା ଦେଇଥିଲେ । ଏଥିସହ ନିଶାଦ୍ରବ୍ୟ ସେବନର କୁପ୍ରଭାବ ସମ୍ପର୍କରେ ଏକ ସଚେତନତାମୂଳକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା । ଶେଷରେ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀ ଭାରତୀୟ ସମ୍ବିଧାନର ପ୍ରସ୍ତାବନା (ଚଵରବଞ୍ଚଭଖର) ମିଳିତ ଭାବେ ପାଠ କରି ସମ୍ବିଧାନର ମୂଳ ଆଦର୍ଶ ଓ ମୂଲ୍ୟବୋଧକୁ ସମ୍ମାନ ଜଣାଇଥିଲେ । ମାଇ ଭାରତ କର୍ମଚାରୀଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା । ଜିଲ୍ଲା ଯୁବ ଅଧିକାରୀ ଶ୍ରୀ କିଶୋର ଭେମୁଲୱାଡାଙ୍କ ନିର୍ଦ୍ଦେଶନାରେ ମାଇ ଭାରତ, ଗଜପତି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ କାର୍ଯ୍ୟାଳୟର କର୍ମଚାରୀ ଶ୍ରୀ ଏ. ମହେଶ୍ୱର ରାଓ ଓ ଶ୍ରୀ ଭି. ଭବାନୀ ପ୍ରସାଦ ସହଯୋଗ କରିଥିଲେ ।

ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନ୍‌ରେ ବିଜେଡିର ବିଶାଳ ଜନସମ୍ପର୍କ ପଦଯାତ୍ରା



ବାରଙ୍ଗ(ମହାଭାରତ): କଟକ ଜିଲ୍ଲା ବାରଙ୍ଗ ବ୍ଲକ ୮ ପଞ୍ଚାୟତରେ ନିଜର ସାଂଗଠନିକ ଶକ୍ତି ପ୍ରଦର୍ଶନ କରିଛି ବିଜୁ ଜନତା ଦଳ । ବାରଙ୍ଗ ବ୍ଲକ ୩୩ ନଂ ଜୋନ୍ ବ୍ଲକ ସଭାପତି ଗଗନ ବିହାରୀ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ଓ ସଭାରେ ହଜାରରୁ ଉର୍ଦ୍ଧ ଦଳୀୟ କର୍ମୀ ଓ ସମର୍ଥକଙ୍କ ସମାଗମ ଦେଖିବାକୁ ମିଳିଥିଲା । ପଦଯାତ୍ରାରେ ଦଳୀୟ ନେତା ଓ କର୍ମୀଙ୍କ ଉତ୍ସାହ ଆଗାମୀ ଦିନରେ ସଂଗଠନକୁ ଅଧିକ ସୁଦୃଢ଼ କରିବାର ବାର୍ତ୍ତା ଦେଇଥିଲା । ନଗରୀ ଗ୍ରାମ ପଞ୍ଚାୟତର ମହୀଧରପଡ଼ା ଛକରୁ ଏହି ପଦଯାତ୍ରା ଆରମ୍ଭ ହୋଇ ହରିଅନ୍ତା ପଞ୍ଚାୟତରେ ଶେଷ ହୋଇଥିଲା । ଏହି ଅବସରରେ ବିଜେପି ଓ କଂଗ୍ରେସ ଦଳ ଛାଡ଼ି ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ । ପୂର୍ବତନ ବିଧାୟକ ଡାକ୍ତର ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ନୂତନ ଭାବେ ଯୋଗଦେଇଥିବା କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଓ ସମ୍ବର୍ଦ୍ଧିତ କରିଥିଲେ । ପଦଯାତ୍ରା ପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଆଳୀ ର ପୂର୍ବତନ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ରାଜ୍ୟର ବିଜେପି ସରକାରଙ୍କ କାର୍ଯ୍ୟଶୈଳୀକୁ ସମାଲୋଚନା କରିଥିଲେ । ଶାସନର ବିଭିନ୍ନ କ୍ଷେତ୍ରରେ ସରକାର ବିଫଳ ହୋଇଥିବା ଅଭିଯୋଗ କରିବା ସହ ଜନସାଧାରଣଙ୍କ ସମସ୍ୟା ଓ ଆଶାଆକାଂକ୍ଷା ପୂରଣରେ ସରକାରଙ୍କ ଉଦାସୀନତା ନେଇ ସେ ପ୍ରଶ୍ନ ଉଠାଇଥିଲେ । ଅନ୍ୟ ଦଳରୁ ବିଜେଡିରେ ଯୋଗଦାନ ଦଳ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧିର ସଙ୍କେତ ବୋଲି ଦଳୀୟ ନେତାମାନେ ମତ ପ୍ରକାଶ କରିଥିଲେ । ସଭାରେ ହରିଅନ୍ତା ପଞ୍ଚାୟତ ସରପଞ୍ଚ ପଦ୍ମିନୀ ପ୍ରଧାନ, କୁରାଙ୍ଗ ଶାସନ ସରପଞ୍ଚ ରୋହିଣୀ ଭୋଇ, ନଗରୀ ସରପଞ୍ଚ ନରତୋମ ଦାସ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ମଲ୍ଲିକ, ବୈକୁଣ୍ଠ ବେହେରା, ବ୍ଲକ ଯୁବ ସଭାପତି ଶୋଭନ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସମୀର ସାମନ୍ତରାୟ, ବରିଷ୍ଠ ସଂଗଠକ କେଦାରନାଥ ଜେନା, ବିପ୍ର ଚରଣ ପ୍ରଧାନ, ବିଶ୍ୱରଞ୍ଜନ ଦାସ, ଶେଷଦେବ ପାତ୍ର, ସମରେନ୍ଦ୍ର ହାତୀ ଓ ଅକ୍ଷୟ କୁମାର ମହାନ୍ତିଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ । ପଦଯାତ୍ରାର ସଫଳ ଆୟୋଜନରେ ତପନ ପାତ୍ର, ସତ୍ୟବ୍ରତ ଜେନା, ବିଶ୍ୱରଞ୍ଜନ ସାହୁ, ଘନଶ୍ୟାମ ପାତ୍ର, ରାକେଶ ଜେନା, ଲକ୍ଷ୍ମୀଧର ପ୍ରଧାନ, ନଳିନୀକାନ୍ତ ପଟ୍ଟନାୟକ, ବ



ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ସୀମା ପୁନଃ ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍‌କୁ ନେଇ ତେଜିଲା ରାଜନୀତି

ଏନ୍‌ସିପିର ହ୍ୱିପ୍, କଂଗ୍ରେସର ଦିଲ୍ଲୀ ଡାକରା



ନୂଆଦିଲ୍ଲୀ,୨୭।୧୧: ସୀମା ପୁନଃ ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଜାତୀୟ ରାଜନୀତିରେ ହଲଚଲ । ଆଗାମୀ ସଂସଦ ଅଧିବେଶନ ପୂର୍ବରୁ ରାଜନୈତିକ ଦଳଗୁଡ଼ିକ ନିଜ ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଛନ୍ତି । ଏନ୍‌ସିପି ପକ୍ଷରୁ ଲୋକସଭା ସାଂସଦଙ୍କ ପାଇଁ ହ୍ୱିପ୍ ଜାରି ହୋଇଥିବା ବେଳେ କଂଗ୍ରେସ ମଧ୍ୟ ନିଜ ସାଂସଦଙ୍କୁ ଦିଲ୍ଲୀ ଡାକିଛି । ଗୁରୁବାର ଏନ୍‌ସିପିର ବୈଠକରେ ପରିସୀମନ ବିଲ୍‌କୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଦଳର ବରିଷ୍ଠ ନେତାମାନେ ଜିଲ୍ଲା ସଭାପତିଙ୍କ ମତାମତ ନେଇଥିଲେ । ଅଧିକାଂଶ ଜିଲ୍ଲା ସଭାପତି ସୀମା ପୁନଃ ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍ ସପକ୍ଷରେ ମତ ଦେଇଥିବା ଜଣାପଡ଼ିଛି । ମହାରାଷ୍ଟ୍ରର ଅନେକ ବିଧାନସଭା କ୍ଷେତ୍ରରେ ଜନସଂଖ୍ୟା ବଢ଼ିଥିବାରୁ ଭୋଟରଙ୍କ ସଂଖ୍ୟା ଅନୁସାରେ ନିର୍ବାଚନମଣ୍ଡଳୀର ପୁନର୍ଗଠନ ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି । ତେବେ ବିଲ୍‌ର ସମସ୍ତ ଦିଗ ଅନୁଧ୍ୟାନ ପରେ ଦଳ ଚୂଡ଼ାନ୍ତ ନିଷ୍ପତ୍ତି ନେବ ।

ଏନ୍‌ସିପି ପକ୍ଷରୁ ଜାରି ହୋଇଥିବା ହ୍ୱିପ୍‌ରେ ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଲୋକସଭା ସାଂସଦଙ୍କୁ ଗୃହରେ ଉପସ୍ଥିତ ରହିବାକୁ କୁହାଯାଇଛି । ସେହିପରି କଂଗ୍ରେସ ନିଜର ସମସ୍ତ ସାଂସଦଙ୍କୁ ନଭେମ୍ବର ୨୯ ତାରିଖ ସକାଳ ୧୦ଟା ସୁଦ୍ଧା ଦିଲ୍ଲୀରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଛି । ସୀମା ପୁନଃ ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍ କୁ ନେଇ ଡିଏମ୍‌କେ ମଧ୍ୟ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛି । ଦଳର ମୁଖପାତ୍ର ଟି.କେ.ଏସ୍. ଏଲାଙ୍ଗୋଭନ କହିଛନ୍ତି, ପୂର୍ବରୁ ଏହି ବିଲ୍‌କୁ ଦଳ ବିରୋଧ କରିଥିଲା । ନୂଆ ବିଲ୍‌ରେ ଦଳର ମତାମତକୁ ସ୍ଥାନ ମିଳିଥିଲେ ଏହାକୁ ସମର୍ଥନ କରାଯାଇପାରିବ । ସେପଟେ ଜଗନ ମୋହନ ରେଡ୍ଡୀଙ୍କ ଶଙ୍ଖଜଉଚ ମଧ୍ୟ ଆଞ୍ଚଳିକ ସନ୍ତୁଳନ ରକ୍ଷା ହେଲେ ବିଲ୍‌କୁ ସମର୍ଥନ କରିବ ବୋଲି କହିଛନ୍ତି ।

ଅନ୍ୟପଟେ ସମାଜବାଦୀ ପାର୍ଟି ସାଂସଦ ରାମଜୀଲାଲ ସୁମନ କହିଛନ୍ତି, ବିଲ୍ ପାରିତ କରିବା ପାଇଁ ସରକାରଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନାହିଁ । ଏଥିସହ ସଂସଦର କାର୍ଯ୍ୟସୂଚୀ ସମ୍ପର୍କରେ ବିରୋଧୀଙ୍କୁ ଅବଗତ କରାଯାଇନଥିବା ସେ ଅଭିଯୋଗ କରିଛନ୍ତି । ମହିଳା ସଂରକ୍ଷଣ ସହ ସୀମା ପୁନଃ ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍ ର ସମ୍ପର୍କକୁ ନେଇ ମଧ୍ୟ ଏବେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି ।

ପାକିସ୍ତାନକୁ ଘେରିବାର ଭାରତର ପ୍ରସ୍ତୁତି

ସୀମାରେ ନିୟୋଜିତ ହେବ ବାୟୁ ପ୍ରତିରକ୍ଷା ପ୍ରଣାଳୀ



ନୂଆଦିଲ୍ଲୀ,୨୭।୧୧: ଆସନ୍ତା ବର୍ଷ ଫେବୃଆରୀ ସୁଦ୍ଧା, ଜମ୍ମୁ ଓ କାଶ୍ମୀରର ପାକିସ୍ତାନ ସୀମାରେ ପଞ୍ଚମ ଏସ-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ନିୟୋଜିତ କରାଯାଇପାରିବ । ଭାରତ ଋଷ ଠାରୁ ମୋଟ ଚାରୋଟି ଏସ-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ପାଇଛି, ଯାହା ମଧ୍ୟରୁ ଚାରିଟି ପୂର୍ବରୁ ନିୟୋଜିତ ହୋଇସାରିଛି, ଏବଂ ପଞ୍ଚମଟି ଏବେ ସେଠାରୁ ଅଣାଯିବାକୁ ଯାଉଛି । ପୂର୍ବରୁ ନିୟୋଜିତ ଚାରୋଟି ବାୟୁ ପ୍ରତିରକ୍ଷା ପ୍ରଣାଳୀ ମଧ୍ୟରୁ ତିନୋଟି ଭାରତ-ପାକିସ୍ତାନ ସୀମାରେ ଏବଂ ଚତୁର୍ଥଟି ଚୀନ ସହିତ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ନିୟୋଜିତ ହୋଇଛି । ଋଷ ଏସ-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅପରେସନ ସିନ୍ଦୂରରେ ଏହାର ପରାକ୍ରମ ପ୍ରଦର୍ଶନ କରିଛି । ଏହି ପ୍ରଣାଳୀ ପାକିସ୍ତାନୀ ବାୟୁସେନାର ପ୍ରତ୍ୟେକ ଚାଲକୁ ବିଫଳ କରି ଅସଂଖ୍ୟ ପାକିସ୍ତାନୀ କ୍ଷେପଣାସ୍ତ୍ର, ଯୁଦ୍ଧ ବିମାନ ଏବଂ ଅଗଣିତ ଡ୍ରୋନକୁ ମଧ୍ୟ ଆକାଶରେ ନଷ୍ଟ କରିଦେଇଛି । ଏକ ଜାତୀୟ ଗଣମାଧ୍ୟମ ଏବେ ରିପୋର୍ଟ କରିଛି ଯେ ଭାରତ ଋଷଠାରୁ ପାଇବାକୁ ଥିବା ପଞ୍ଚମ ପ୍ରଣାଳୀ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହା ଫେବୃଆରୀ ୨୦୨୭ ସୁଦ୍ଧା ନିୟୋଜିତ ହେବ । ଅପରେସନ ସିନ୍ଦୂର ପୂର୍ବରୁ, ଋଷରୁ କେବଳ ତିନୋଟି ଏସ-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ପ୍ରଦାନ କରାଯାଇଥିଲା, ଏବଂ ସେବେଠାରୁ ସମସ୍ତ ପାକିସ୍ତାନ ସୀମାରେ ନିୟୋଜିତ କରାଯାଇଛି । ପରେ ଆସିଥିବା ଚତୁର୍ଥ ଏସ-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଆସାମରେ ନିୟୋଜିତ ହୋଇଥିଲା । ଏହା ଅରୁଣାଚଳ ପ୍ରଦେଶରେ ଚୀନ ସହିତ ୧୧୨୬ କିଲୋମିଟର ଲମ୍ବା ପ୍ରକୃତ ନିୟନ୍ତ୍ରଣ ରେଖା (ଖଇଉ) ର ସୁରକ୍ଷା ସୁନିଶ୍ଚିତ କରିଛି । ଫେବୃଆରୀ ୨୦୨୭ ରେ ଜମ୍ମୁ ଏବଂ କାଶ୍ମୀରରେ ନିୟୋଜିତ ହେବା ପରେ, ୭୪୦ କିଲୋମିଟର ଲମ୍ବା ନିୟନ୍ତ୍ରଣ ରେଖା (ଖକୁଉ) ର ସୁରକ୍ଷା ଆହୁରି ମଜବୁତ ହେବ । ବର୍ତ୍ତମାନ, ପଞ୍ଜାବ, ରାଜସ୍ଥାନ ଏବଂ ଗୁଜରାଟରେ ପାକିସ୍ତାନ ସୀମାରେ ତିନୋଟି ଏସ-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ନିୟୋଜିତ ହୋଇଛି, ଯାହା ଅପରେସନ ସିନ୍ଦୂର ସମୟରେ ଶତ୍ରୁକୁ ପରାସ୍ତ କରିଥିଲା । ଶୁକ୍ରବାର ଏକ ରିପୋର୍ଟରେ ଦୁଇ ବରିଷ୍ଠ ଅଧିକାରୀଙ୍କ ସୂଚନା ଉଦ୍ଧୃତ କରି କୁହାଯାଇଛି ଯେ ଭାରତୀୟ ବାୟୁସେନା ଡିସେମ୍ବରରେ ଋଷରୁ ପଞ୍ଚମ ପ୍ରଣାଳୀ ଅର୍ଡର କରିବା ପୂର୍ବରୁ ଏକ ଯାଞ୍ଚ ଦଳ ଋଷ ପଠାଇବ । ତଥାପି, ସରକାର ଏହି ଯୋଜନା ବିଷୟରେ କୌଣସି ବିବରଣୀ ପ୍ରକାଶ କରିନାହାଁନ୍ତି । ଅପରେସନ ସିନ୍ଦୂର ସମୟରେ ଏସ-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହାର ଶକ୍ତି ପ୍ରଦର୍ଶନ କରିଥିଲା । ଏହା ପରେ, ଋଷରୁ ପାଞ୍ଚଟି ଅତିରିକ୍ତ ପ୍ରଣାଳୀ ଅର୍ଡର କରିବା ପାଇଁ ଆଲୋଚନା ଆରମ୍ଭ ହୋଇଥିଲା ଏବଂ କାମ ଚାଲିଛି । ଏସ-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ୪୦ କିଲୋମିଟରରୁ ୪୦୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜରେ ବାଲିଷ୍ଟିକ୍ ମିସାଇଲ୍, ଲଢୁଆ ବିମାନ, ଡ୍ରୋନ୍, ଆମ୍‌ଘାତୀ ଡ୍ରୋନ୍ ଏବଂ ଆୟୁସ୍ ବୋମାକୁ ନିଷ୍କ୍ରିୟ କରିବାରେ ସକ୍ଷମ । ସିନ୍ଦୂର ଅପରେସନ୍ ସମୟରେ, ଏହା ଜେନେରାଲ ଅସୀମ ମୁନିରଙ୍କ ସେନା ଦ୍ୱାରା ପାକିସ୍ତାନରୁ ପ୍ରକ୍ଷେପଣ କରାଯାଇଥିବା ପ୍ରତ୍ୟେକ କ୍ଷେପଣାସ୍ତ୍ର ଏବଂ ରକେଟକୁ ବାଧା ଦେଇଥିଲା ଏବଂ ଅଗଣିତ କମ ମୂଲ୍ୟର ତୁର୍କୀ ଡ୍ରୋନ ଗୁଡ଼ିକୁ ଭାରତୀୟ ଅଞ୍ଚଳରେ ପହଞ୍ଚିବା ପୂର୍ବରୁ ଅଟକାଇ ଦେଇଥିଲା । କେବଳ ଏହି ପ୍ରଣାଳୀ ପାକିସ୍ତାନୀ ସେନା ପାଇଁ ଗୁରୁତ୍ୱପୂର୍ଣ୍ଣ ଧ୍ୱଂସ ଘଟାଇଥିଲା ।

ପୂର୍ବ ମୁଖ୍ୟ ବିଚାରପତିଙ୍କ ବଡ଼ ବୟାନ

ବିଚାରପତି ନିଯୁକ୍ତିରେ ପଛୁଆବର୍ଗଙ୍କୁ କରାଯାଉଛି ଅବହେଳା

ନୂଆଦିଲ୍ଲୀ,୨୭।୧୧: ସୁପ୍ରିମକୋର୍ଟ ଓ ହାଇକୋର୍ଟରେ ବିଚାରପତି ନିଯୁକ୍ତି ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ବି.ଆର୍. ଗଭାଇ। ଏନେଇ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିଠି ଲେଖିଛନ୍ତି। ନଭେମ୍ବର ୨୭ ତାରିଖରେ ଲେଖାଯାଇଥିବା ଏହି ଚିଠିରେ ସେ ଅଭିଯୋଗ କରିଛନ୍ତି ଯେ, କଲେଜିୟମ୍‌ର ସାମ୍ପ୍ରତିକ ସୁପାରିସରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଗଭାଇ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୮ ମସିହାରୁ ଏପର୍ଯ୍ୟନ୍ତ ଦେଶର ବିଭିନ୍ନ ହାଇକୋର୍ଟରେ ମୋଟ ୭୧୫ ଜଣ ବିଚାରପତି ନିଯୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୨୨ ଜଣ ଅନୁସୂଚିତ ଜାତି, ୧୬ ଜଣ ଅନୁସୂଚିତ ଜନଜାତି, ୮୯ ଜଣ ଅନ୍ୟାନ୍ୟ ପଛୁଆବର୍ଗ ଏବଂ ୩୭ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର। ଅନ୍ୟପଟେ ପ୍ରାୟ ୭୫ ପ୍ରତିଶତ ବିଚାରପତି ସାଧାରଣ ବର୍ଗରୁ ନିଯୁକ୍ତ ହୋଇଥିବା ସେ ଦାବି କରିଛନ୍ତି।

ଗଭାଇ ନିଜ ଚିଠିରେ କହିଛନ୍ତି ଯେ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ମହିଳାମାନଙ୍କୁ ବିଚାରପତି ହେବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ମିଳୁନାହିଁ। ଏହାସହ ବିଚାରପତିଙ୍କ ବଦଳି ନିଷ୍ପତ୍ତିକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ପୂର୍ବତନ ପ୍ରଧାନ ବିଚାରପତିଙ୍କ ଅଭିଯୋଗ ଅନୁସାରେ, ବିଚାରପତିଙ୍କ ନିଯୁକ୍ତି ଓ ବଦଳି ସମୟରେ ଯୋଗ୍ୟତା ସହ ସମସ୍ତ ବର୍ଗକୁ ସମାନ ସୁଯୋଗ ପ୍ରଦାନ କରିବାର ନୀତିକୁ ଉପଯୁକ୍ତ ଗୁରୁତ୍ୱ ଦିଆଯାଉନାହିଁ। ସେ କହିଛନ୍ତି ଯେ, ଜାନୁଆରୀ ୨୦୨୧ରୁ ଜାନୁଆରୀ ୨୦୨୬ ମଧ୍ୟରେ ହାଇକୋର୍ଟରେ ହୋଇଥିବା ନିଯୁକ୍ତିରେ ସାଧାରଣ ବର୍ଗର ଭାଗ ପ୍ରାୟ ୮୦ ପ୍ରତିଶତ ରହିଛି। ଅନ୍ୟପଟେ ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୪୦ରୁ ୫୦ ପ୍ରତିଶତ ଅଂଶ ଥିବା ଓବିସି ସମ୍ପ୍ରଦାୟକୁ ୧୪ ପ୍ରତିଶତରୁ ମଧ୍ୟ କମ୍ ପଦ ମିଳିଛି।

ଟିଏମସି ବିଦ୍ରୋହୀଙ୍କୁ କୋର୍ଟ ଝଟକା

ଋତୁବ୍ରତ ବାନାର୍ଜୀ ହରାଇଲେ ବିରୋଧୀ ଦଳ ନେତା ମାନ୍ୟତା



ନୂଆଦିଲ୍ଲୀ,୨୭।୧୧: ଟିଏମସିର ବିଦ୍ରୋହୀ ଗୋଷ୍ଠୀଙ୍କୁ ହାଇକୋର୍ଟ ଝଟକା। ବିରୋଧୀ ଦଳ ନେତା ପଦ ହରାଇଲେ ବିଦ୍ରୋହୀ ଗୋଷ୍ଠୀର ନେତା ଋତୁବ୍ରତ ବାନାର୍ଜୀ। ଆଜି କ୍ୟାଲକାଟା ହାଇକୋର୍ଟ ଋତୁବ୍ରତଙ୍କୁ ପଶ୍ଚିମବଙ୍ଗ ବିଧାନସଭାରେ ମିଳିଥିବା ବିରୋଧୀ ଦଳ ନେତା ମାନ୍ୟତାକୁ ରଦ୍ଦ କରି ଦେଇଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ଋତୁବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ଟିଏମସିର ପ୍ରାୟ ୬୦ ଜଣ ବିଧାୟକ ମମତା ବାନାର୍ଜୀଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ। ସେମାନେ ମମତାଙ୍କ ଠାରୁ ଅଲଗା ହୋଇ ଟିଏମସି ନାଁରେ ପୃଥକ ଗୋଷ୍ଠୀ ଗଠନ କରିଥିଲେ। ମମତା ବାନାର୍ଜୀ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ ଚୟନ କରିଥିଲେ ହେଁ ଋତୁବ୍ରତ ଆଣ୍ଡ କୋ ଏହାକୁ ଗ୍ରହଣ କରି ନଥିଲେ। ଶେଷରେ ବିଦ୍ରୋହୀ ଗୋଷ୍ଠୀ ନିଜକୁ ପ୍ରକୃତ ଟିଏମସି ବୋଲି ଦାବି କରି ବିଧାନସଭା ବାଚସ୍ପତିଙ୍କ ଦ୍ୱାରସ୍ଥ ହୋଇଥିଲେ। ବାଚସ୍ପତି ମଧ୍ୟ ଋତୁବ୍ରତଙ୍କୁ ବିରୋଧୀ ଦଳ ନେତା ଭାବେ ନିଯୁକ୍ତ କରିଥିଲେ। ହେଲେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ମମତାଙ୍କ ଗୋଷ୍ଠୀ। ଏବେ ଏହାର ଶୁଣାଣି ହାଇକୋର୍ଟ ବିଚାରପତି ଜଷ୍ଟିସ କ୍ରିଷ୍ଣା ରାଓ କରିଛନ୍ତି। ଜଷ୍ଟିସ ରାଓ କହିଛନ୍ତି ଯେ ଋତୁବ୍ରତ ବାନାର୍ଜୀଙ୍କ ନିଯୁକ୍ତି ନେଇ ବାଚସ୍ପତି ଦେଇଥିବା ନିର୍ଦ୍ଦେଶରେ ସ୍ଥିରତା ନାହିଁ। ଏହାପରେ ଜଷ୍ଟିସ ରାଓ ବାଚସ୍ପତିଙ୍କୁ ନିଜର ନିଯୁକ୍ତି ନିର୍ଦ୍ଦେଶକୁ ପୁନଃ ବିଚାର କରିବା ସହ ଗୋଟିଏ ଯର୍ଥାର୍ଥ ନିର୍ଦ୍ଦେଶ ଜାରି କରିବାକୁ କହିଛନ୍ତି। ଏହାପୂର୍ବରୁ ହାଇକୋର୍ଟର ଏକକ ବେଞ୍ଚ ଏସଂକ୍ରାନ୍ତ ଆବେଦନର ଶୁଣାଣି କରି ମମତାଙ୍କ ଗୋଷ୍ଠୀଙ୍କୁ କୌଣସି ପ୍ରକାରର ଆଶ୍ୱସ୍ତି ଦେଇ ନଥିଲେ। ମମତାଙ୍କ ଗୋଷ୍ଠୀ ପକ୍ଷରୁ ଶୋଭନଦେବ ହିଁ ଆବେଦନ କରିଥିଲେ। ଏକକ ବେଞ୍ଚ ଆବେଦନ କରିବାରୁ ସେ ଗୋଟିଏ ଡିଭିଜନ ବେଞ୍ଚର ଦ୍ୱାରସ୍ଥ ହୋଇଥିଲେ। ଆବେଦନର ବିଚାର ଶେଷ ହେବା ଯାଏ ଋତୁବ୍ରତଙ୍କୁ ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ କରିବାକୁ ଓ ଏକକ ବେଞ୍ଚକୁ ୨ ମାସ ମଧ୍ୟରେ ମାମଲାର ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ ଡିଭିଜନ ବେଞ୍ଚ। ନଭେମ୍ବର ୨୧ରେ ଏକକ ବେଞ୍ଚ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଆଜି ଏକକ ବେଞ୍ଚ ପକ୍ଷରୁ ଋତୁବ୍ରତ ବାନାର୍ଜୀଙ୍କୁ ମିଳିଥିବା ବିରୋଧୀ ଦଳ ନେତା ମାନ୍ୟତାକୁ ରଦ୍ଦ କରିଦିଆଯାଇଛି ।

ଜୈସ୍ ସନ୍ଦିଗ୍ଧକୁ ଧରିଲା ଗୁଜରାଟ ଏଟିଏସ୍

ଏକେ-୪୭ ଜବତ ଓ ଅନ୍ୟ ଜିନିଷ ଜବତ

ଗୁଜରାଟ,୨୭।୧୧: ଗୁଜରାଟ ଏଟିଏସ ଭଦୋଦରାରେ ଜରୋଦ ବସ ଷ୍ଟାଣ୍ଡ ନିକଟରେ ଏକ ସର୍ଚ୍ଚ ଅପରେସନରୁ ଜୈସ-ଏ-ମହମ୍ମଦର ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତି ପାଖରୁ ଏକେ-୪୭ ଏବଂ ୨୩ ରାଉଣ୍ଡ ଅଫୁଟା ଗୁଳି ଜବତ କରାଯାଇଛି । ସୂଚନା ମୁତାବକ, ଗିରଫ ହୋଇଥିବା ସନ୍ଦିଗ୍ଧ ବ୍ୟକ୍ତି ଜଣକ ଆସାମରୁ ଭଦୋଦରା ଆସିଥିବା ଜଣାପଡିଛି । ସନ୍ଦିଗ୍ଧ ଜଣକ ଅସ୍ତ୍ର କେଉଁଠୁ ଆଣିଲା ଏବଂ କାହାକୁ ଦେବାର ରହିଥିଲା, ତାହା ଯାଞ୍ଚ ଏଜେନ୍ସୀ ଜାଣିବାକୁ ଚେଷ୍ଟା କରୁଛି । ଗୁଜରାଟ ଏଟିଏସ୍ ସନ୍ଦିଗ୍ଧକୁ ଗିରଫ କରି ଆଗକୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ସନ୍ଦିଗ୍ଧ ବ୍ୟକ୍ତି ଜଣକ ଏକେ ୪୭ କେଉଁଠୁ ଆଣିଲା ଏହାକୁ ନେଇ ଏଟିଏସ୍ ଯାଞ୍ଚ ଆରମ୍ଭ କରିଛି । ପ୍ରାଥମିକ ତଦନ୍ତରୁ ଗିରଫ ଯୁବକ ଆସାମର ବାସିନ୍ଦା ବୋଲି ଜଣାପଡ଼ିଛି। ସେ ଆସାମରୁ ଗୁଜରାଟ ଆସିଥିବା ଜଣାପଡ଼ିଛି । ତେବେ ଇଞ୍ଚଏ ପକ୍ଷରୁ ଏଯାଏଁ ତାଙ୍କ ପରିଚୟ ସାର୍ବଜନୀନ କରାଯାଇନାହିଁ । ଗିରଫ ପରେ ଅଭିଯୁକ୍ତଙ୍କୁ ପଚରାଉଚରା ପାଇଁ ଅହମ୍ମଦାବାଦସ୍ଥିତ ଇଞ୍ଚଏ ମୁଖ୍ୟାଳୟକୁ ନିଆଯାଇଛି। ସେଠାରେ ତାଙ୍କୁ ଜେରା କରାଯାଉଛି । ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍, କଲ୍ ଡିଟେଲ୍ସ, ସୋସିଆଲ ମିଡିଆ ଆକାଉଣ୍ଟ ଏବଂ ଅନ୍ୟ ସମ୍ପର୍କଗୁଡ଼ିକର ଯାଞ୍ଚ କରାଯାଉଛି । ଏହି ଘଟଣା ପଛରେ ଆଉ କୌଣସି ବଡ଼ ନେଟୱର୍କ କାମ କରୁଛି କି ନାହିଁ, ସେନେଇ ଇଞ୍ଚଏ ତଦନ୍ତ ଜାରି ରଖିଛି ।

ସେନ୍‌ସେକ୍ସରେ ୯୮୯ ପଏଣ୍ଟ ହ୍ରାସ

ମୁମ୍ବାଇ,୨୭।୧୧: ବଡ଼ କମ୍ପାନିର ସେୟାରରୁ ଲାଭ ପାଇବା ଆଶାରେନିବେଶକମାନେ ତାହାକୁ ବିକ୍ରି କରିବା ଓ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦରବୃଦ୍ଧି ପ୍ରଭାବରେ ଆଜି ଇକ୍ୱିଟି ବଜାର କାରବାର ପ୍ରଭାବିତ ହୋଇଥିଲା। ନିବେଶକମାନେ ବିଶେଷ କରି ସୂଚନା ପ୍ରଯୁକ୍ତି ଓ ଅଟୋମୋବାଇଲ୍ କମ୍ପାନିର ସେୟାର ବିକ୍ରି କରିଥିଲେ। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୯୮୯.୩୩ ପଏଣ୍ଟ ହ୍ରାସ ପାଇ ୮୩,୩୩୯.୨୬ ପଏଣ୍ଟରେ ବନ୍ଦ ହୋଇଥିଲା। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ମଧ୍ୟ ୨୭୭.୩୦ ପଏଣ୍ଟ ହ୍ରାସ ପାଇ ୨୫,୬୦୭.୨୦ ପଏଣ୍ଟରେ ବନ୍ଦ ହୋଇଥିଲା।ଗତ ଅକ୍ଟୋବରଠାରୁ ଇକ୍ୱିଟି ବଜାରରେ ଉତ୍ସାହ ଫେରିଛି। ଲାଗାତାର ଭାବେ ସେୟାର ବିକ୍ରି କରୁଥିବା ନିବେଶକମାନେ ପ୍ରତ୍ୟାବର୍ତ୍ତନ କରି ଗୋଟିଏ ମାସ ମଧ୍ୟରେ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ କରିଛନ୍ତି। ତାହାର ପ୍ରଭାବରେ ଚଳିତ ସପ୍ତାହରେ ମଧ୍ୟ ସେନ୍‌ସେକ୍ସ ଦ୍ରୁତ ଗତିରେ ଆଗକୁ ବଢୁଥିଲା। ମାତ୍ର ତେଳ ଦରବୃଦ୍ଧି ଓ ଡଲାର ତୁଳନାରେ ଟଙ୍କା ପୁଣି ଦୁର୍ବଳ ହେବାରୁ ନିବେଶକମାନେ ଆଜି ସତର୍କ ହୋଇପଡ଼ିଥିଲେ। ଆଗକୁ ମୂଲ୍ୟ ହ୍ରାସର ଆଶଙ୍କା କରାଯାଉଥିବା କମ୍ପାନିର ସେୟାରକୁ ବିକ୍ରି କରି ଲାଭ ହାସଲ କରିବାକୁ ସେମାନେ ଉଦ୍ୟମ କରିଥିଲେ।

ଦୁଇ ଭାଇଙ୍କ ନାରକୀୟ କାଣ୍ଡ

ଦୁଇ ପତ୍ନୀଙ୍କୁ ହତ୍ୟା କରି ଜଙ୍ଗଲରେ ପୋତିଲେ

ନୂଆଦିଲ୍ଲୀ,୨୭।୧୧: ଦୁଇ ପତ୍ନୀଙ୍କ ମଧ୍ୟରେ ଝଗଡ଼ାକୁ ନେଇ ରାଗିଗଲେ ଦୁଇ ଭାଇ। ରାଗ ଏତେ ବଢ଼ିଗଲା ଯେ ନିଜ ନିଜ ପତ୍ନୀଙ୍କୁ ହତ୍ୟା କରିବାକୁ ପଛାଇଲେ ନାହିଁ। ହତ୍ୟା ପରେ ମୃତଦେହକୁ ଆମ୍ବୁଲାନ୍ସରେ ନେଇ ପଡ଼ୋଶୀ ଜିଲ୍ଲାର ଜଙ୍ଗଲରେ ପୋତିଦେଲେ। ଝାଡ଼ଖଣ୍ଡର ଗୁମଲା ଜିଲ୍ଲାରୁ ଆସିଥିବା ଏହି ଛାତିଥରା ଘଟଣା ଏବେ ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଛି। ପୋଲିସର ସୂଚନା ଅନୁସାରେ, ଅଭିଯୁକ୍ତ ଦୁଇ ଭାଇ ହେଉଛନ୍ତି ଶିବ ଶଙ୍କର ସାହୁ ଏବଂ ନବୀନ ସାହୁ। ଶିବ ଶଙ୍କର ଜଣେ ଆମ୍ବୁଲାନ୍ସ ଡ୍ରାଇଭର। ତାଙ୍କ ପତ୍ନୀ ମିନି ପ୍ରିୟାଙ୍କ ବୟସ ୨୮ ବର୍ଷ ହୋଇଥିବା ବେଳେ ନବୀନଙ୍କ ପତ୍ନୀ ରାଧିକା କୁମାରୀଙ୍କ ବୟସ ମାତ୍ର ୨୦ ବର୍ଷ। ଦୁଇ ଯାଆଙ୍କ ମଧ୍ୟରେ ଦୀର୍ଘଦିନ ଧରି ଝଗଡ଼ା ଲାଗି ରହିଥିଲା। ଏହାକୁ ନେଇ ଦୁଇ ଭାଇ ଅସନ୍ତୁଷ୍ଟ ଥିଲେ। ତେବେ ହତ୍ୟାର ମାତ୍ର ଦୁଇ ଦିନ ପୂର୍ବରୁ ଦୁଇ ମହିଳାଙ୍କ ମଧ୍ୟରେ ମତଭେଦ ଦୂର ହୋଇଥିଲା ଏବଂ ସେମାନେ ପୁଣି ମିଳାମିଶା କରିଥିଲେ। ହେଲେ ଏହା ସତ୍ତ୍ୱେ ସୋମବାର ଦୁଇ ଭାଇ ନି

ଭୁବନେଶ୍ୱର, ଶନିବାର ୨୮ ନଭେମ୍ବର ୨୦୨୬
Bhubaneswar, Saturday 28 November 2026
ମଇଦାନ୍
ସମ୍ବାଦ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ

ପ୍ରଥମ ଦିନରେ ସମ୍ମାନ ଭାଗ : ନ୍ୟୁଜିଲାଣ୍ଡ ୫/୨୪୬



ଖ୍ରୀଷ୍ଟଚର୍ଚ୍ଚ,୨୭।୧୧; ଖ୍ରୀଷ୍ଟଚର୍ଚ୍ଚର ହାଗଲେ ଓଭାଲରେ ଟେଷ୍ଟ ମ୍ୟାଚ୍‌ର ପ୍ରକୃତ ଖେଳ ଦେଖିବାକୁ ମିଳିଛି। ନ୍ୟୁଜିଲ୍ୟାଣ୍ଡ ଓ ଭାରତ ପ୍ରଥମ ଦିନରେ ପରସ୍ପରକୁ ଦେଇଛନ୍ତି କଡ଼ା ଟକ୍କର। ପ୍ରଥମ ଦିନରେ ଉଭୟ ଦଳ ୫୦-୫୦ ପ୍ରଦର୍ଶନ କରିଛନ୍ତି।

ଭଲ ଆରମ୍ଭ ସତ୍ତ୍ୱେ ନ୍ୟୁଜିଲ୍ୟାଣ୍ଡ ମଧ୍ୟଭାଗରେ ଫେଲ ମାରିଥିଲା। ମଧ୍ୟଭାଗରେ ସଫଳତା ପାଇଥିବା ଭାରତ ଶେଷ ପର୍ଯ୍ୟାୟରେ ସାମାନ୍ୟ ଫ୍ଲାଟ ପ୍ରଦର୍ଶନ କରିଛି। ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତ ୫ ୱିକେଟ ପାଇଥିବା ବେଳେ ନ୍ୟୁଜିଲ୍ୟାଣ୍ଡ ୨୪୬ ରନ କରି ନେଇଛନ୍ତି।

ପ୍ରଥମ ଦିନର ଖେଳ ଶେଷ ବେଳକୁ ଗ୍ଲେନ ଫିଲିପ୍ସ ୩୬ ରନ ଓ ଟମ ବ୍ଲଣ୍ଡଲ ୫୩ ରନ କରି ଅପରାଜିତ ରହିଛନ୍ତି। ଭାରତ ପାଇଁ ଆକାଶ ଦୀପ ୨ଟି ୱିକେଟ ନେଇଥିବା ବେଳେ ଅଂଶୁଲ କମ୍ବୋଜ, ଡେବ୍ୟୁଟେଣ୍ଟ ଗୁରନୁର ବ୍ରାର ଓ ୱାଶିଂଟନ ସୁନ୍ଦରଙ୍କୁ ଗୋଟିଏ ଲେଖାଏ ସଫଳତା ମିଳିଛି। ଅଭିଜ୍ଞ ଯଶପ୍ରୀତ ବୁମ୍ରା ପ୍ରଥମ ଦିନରେ ୧୯ ଓଭର ବୋଲିଂ କରିଥିଲେ ହେଁ ଗୋଟିଏ ବି ୱିକେଟ ପାଇ ନାହାନ୍ତି।

ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟରେ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ ଭାରତୀୟ ଟିମର ଅଧିନାୟକ ଶୁବମନ ଗିଲ। ହେଲେ ଏଥର ଘରୋଇ ନ୍ୟୁଜିଲ୍ୟାଣ୍ଡ ଦମଦାର ଆରମ୍ଭ କରିଥିଲା। ଲଞ୍ଚ ଯାଏ ନ୍ୟୁଜିଲ୍ୟାଣ୍ଡର ପଲା ଭାରି ରହିଥିଲା। ହେଲେ ଲଞ୍ଚର ଠିକ ପୂର୍ବରୁ ବ୍ରାର ୩୧ ରନ କରିଥିବା ଡେଭନ କନୱେଙ୍କୁ ଆଉଟ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ।

ଲଞ୍ଚ ପରେ ଅଧିନାୟକ ଟମ ଲାଥମ ନିଜର ଅର୍ଦ୍ଧଶତକ ହାସଲ କରିବା ସହ ହେନରୀ ନିକୋଲସଙ୍କ ସହ ମିଶି ଦଳୀୟ ସ୍କରକୁ ୧୧୦ରେ ପହଞ୍ଚାଇ ଦେଇଥିଲେ। ଏତିକି ବେଳେ ଭାରତ କରିଥିଲା କମବ୍ୟାକ। ଆକାଶ ଦୀପ ୫୯ ରନ କରିଥିବା ଲାଥମଙ୍କୁ ପ୍ରଥମେ ଋଷଭ ପନ୍ତଙ୍କ ହାତରେ ଆଉଟ କରିଥିଲେ।

ପରବର୍ତ୍ତୀ ଓଭରରେ ଅଂଶୁଲ କମ୍ବୋଜ ଶର୍ଟ ବଲରେ ନିକୋଲସ(୧୬)ଙ୍କୁ ପାଇନ ଲଗ ଅଞ୍ଚଳରେ ଆଉଟ କରି ଦେଇଥିଲେ। ରଚିବ ରବୀନ୍ଦ୍ର ଖାତା ଖୋଲିବା ପୂର୍ବରୁ ଆକାଶ ଦୀପଙ୍କ ଶିକାର ବନିଥିଲେ। ସମାନ ୧୧୦ ରନରେ ହିଁ ନ୍ୟୁଜିଲ୍ୟାଣ୍ଡ ୩ଟି ୱିକେଟ ହରାଇଥିଲା।

ଭାରତ ଜବରଦସ୍ତ ଢଙ୍ଗରେ କମବ୍ୟାକ କରିଥିଲେ। ଏତିକି ବେଳେ ଡାରେଲ ମିଚେଲ ଓ ବ୍ଲଣ୍ଡଲ ସ୍ଥିତି ସମ୍ଭାଳିଥିଲେ। ଉଭୟ ଚା' ପାନ ବିରତି ଯାଏ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ତଥାପି ଭାରତ ଏହି ସେସନ୍‌କୁ ନିଜ ନାଁରେ କରିଥିଲା। ଚା' ପାନ ବ୍ରେକ ପରେ ମିଚେଲ ଓ ବ୍ଲଣ୍ଡଲ ଦଳୀୟ ସ୍କକୁ ପୁଣି ଆଗକୁ ନେଇଥିଲେ।



ଯଶପ୍ରୀତ ବୁମରାଙ୍କ ନିକଟରୁ ଟେଷ୍ଟ କ୍ୟାପ ନେଉଛନ୍ତି ଗୁରୁନର ବ୍ରାର।

ହେଲେ ସମସ୍ତକୁ ଚକିତ କରି ଗିଲ ଅଫ ସ୍ପିନର ୱାଶିଂଟନ ସୁନ୍ଦରଙ୍କୁ ବୋଲିଂ କରିବାକୁ କହିଥିଲେ। ସେ ମଧ୍ୟ ନିରାଶ ନ କରି ସେଟ ହେବାକୁ ଚେଷ୍ଟା କରୁଥିବା ମିଚେଲ(୩୧)ଙ୍କୁ ଧ୍ରୁବ ଜୁରେଲଙ୍କ ହାତରେ କ୍ୟାଚ କରାଇ ଦେଇଥିଲେ। ନ୍ୟୁଜିଲ୍ୟାଣ୍ଡ ୧୮୪ ରନରେ ୫ମ ୱିକେଟ ହରାଇଥିଲା।

ବାସ ଏହାପରେ ପୁଣି ଭାରତ ଆଗରେ ଖୁଣ୍ଟ ହୋଇ ଛିଡ଼ା ହୋଇଥିଲେ ଗ୍ଲେନ ଫିଲିପ୍ସ ପ୍ରଥମ ଟେଷ୍ଟ ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଫିଲିପ୍ସଙ୍କୁ ଭାରତର କୌଣସି ବୋଲର ଅଡୁଆରେ ପକାଇ ପାରି ନଥିଲେ। ବ୍ଲଣ୍ଡଲ ମଧ୍ୟ ସେଟ ହୋଇସାରିଥିବାରୁ ଶେଷ ସେସନ୍‌ରେ ଭାରତକୁ କମବ୍ୟାକ ପାଇଁ କୌଣସି ସୁଯୋଗ ଦେଇ ନଥିଲେ। ଏଥିସହ ନିଜ ଟେଷ୍ଟ କ୍ୟାରିୟରରେ ଆଉ ଏକ ଅର୍ଦ୍ଧଶତକ ହାସଲ କରିଥିଲା। ଭାରତ ୮୧ ତମ ଓଭରରେ ନୂଆ ବଲ ନେଇଥିଲା।

ବୁମ୍ରା ଓ ଆକାଶ ଦୀପ ନୂଆ ବଲରେ ୪ ଓଭର ବୋଲିଂ କରିଥିଲେ ହେଁ ଭାରତକୁ କିଛି ବି ଲାଭ ମିଳି ନଥିଲା। ଶେଷରେ ନ୍ୟୁଜିଲ୍ୟାଣ୍ଡ ୨୪୬/୫ରେ ଦିନର ଖେଳ ଶେଷ କରିଛି। ଆସନ୍ତାକାଲି ଭାରତ ଯଥାଶୀଘ୍ର କ୍ୱିଡ୍ଡି ଟିମର ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ।

ସିରାଜ ନିରାଶ

ନୂଆଦିଲ୍ଲୀ, ୨୭।୧୧:ନ୍ୟୁଜିଲାଣ୍ଡ ବିପକ୍ଷ ୨ୟ ଟେଷ୍ଟରେ ପୁଣି ଥରେ ବାହାରେ ବସିଛନ୍ତି ମହମ୍ମଦ ସିରାଜ। ଆଖିକୁ ସନ୍‌ଗ୍ଲାସ୍‌ରେ ଘୋଡ଼ାଇ ବସିଥିବାର ଦୃଶ୍ୟ ଟିଭିରେ ସିଧାପ୍ରସାରଣ ବେଳେ କଏଦ ହୋଇଥିଲା।



ଏହାକୁ ଦେଖି ଭାଷ୍ୟକାର ଥିବା ପୂର୍ବତନ ଭାରତୀୟ କ୍ରିକେଟର୍ ଅଜିଙ୍କ୍ୟ ରାହାଣେ ଓ ମୁରଲୀ କାର୍ତ୍ତିକ ଆଲୋଚନା କରିଥିଲେ। ଟିଭିରେ ସିରାଜଙ୍କୁ ଏ ଅବସ୍ଥା ଦେଖି ରାହାଣେ ପ୍ରଶ୍ନ କରିଥିଲେ, 'ସେ କ'ଣ କାନ୍ଦୁଛନ୍ତି' ଏହାର ଉତ୍ତରରେ କାର୍ତ୍ତିକ କହିଥିଲେ,'ସିରାଜଙ୍କ ମୁହଁରୁ ଜଣାପଡୁଛି, ଦଳରୁ ବାଦ୍ ପଡ଼ିବା ନିଶ୍ଚିତ ତାଙ୍କୁ କଷ୍ଟ ଦେଇଛି'। ନ୍ୟୁଜିଲାଣ୍ଡ ଗସ୍ତରେ ସିରାଜ ଦିନିକିଆ ଶୃଙ୍ଖଳାରେ କେବଳ ଗୋଟିଏ ମ୍ୟାଚ୍‌ରେ ଖେଳିବାର ସୁଯୋଗ ପାଇଥିଲେ।

ଏହାପରେ ଟେଷ୍ଟ ଶୃଙ୍ଖଳାରେ ବିତାଙ୍କୁ ସୁଯୋଗ ମିଳିନି। ପ୍ରଥମ ଟେଷ୍ଟରେ ବୋଲର ପ୍ରଭାବହୀନ ହୋଇଥିବାରୁ ସେ ଦ୍ୱାଦଶରେ ସ୍ଥାନ ପାଇବା ଆଶା ରଖିଥିଲେ। ହେଲେ ଶୁବମନ ଗିଲ୍‌ଗତ ଦୃଷ୍ଟାନ୍ତ ଏକାଦଶରୁ କେବଳ ପ୍ରସିଦ୍ଧ କୃଷ୍ଣଙ୍କୁ ବାଦ୍ ଦେଇ ୨୬ ବର୍ଷୀୟ ଗୁରନୂର ବ୍ରାରଙ୍କୁ ପଦାର୍ପଣ ସୁଯୋଗ ଦେଇଥିଲେ। ଫଳରେ ସିରାଜଙ୍କୁ ଦ୍ୱିତୀୟ ଟେଷ୍ଟରେ ଖେଳିବାକୁ ସୁଯୋଗ ମିଳି ନଥିଲା। ଏହାକୁ ସିରାଜ ସହଜରେ ଗ୍ରହଣ କରିପାରିନାହାନ୍ତି। ସେଥିପାଇଁତାଙ୍କ ଆଖିରେ ଲୁହ ଆସିଯାଇଛି। ତାଙ୍କ ପ୍ରଦର୍ଶନ ଦେଖିଲେ ବାଦ୍ ଦେବା ଆଶ୍ଚର୍ଯ୍ୟ ଲାଗୁଛି। ତାଙ୍କ ଫର୍ମକୁ ନେଇ ଯଦିସନ୍ଦେହ ଥିଲା। ତେବେ ଏହି ଗସ୍ତରେ କାହିଁକି ସାମିଲ କରାଯାଇଥିଲା ବୋଲି କହିଛନ୍ତି କାର୍ତ୍ତିକ। ସିରାଜ ଚଳିତ ଡବ୍ଲ୍ୟୁଟିସି ଚକ୍ରରେ ୧୧ ମ୍ୟାଚ୍ ଖେଳି ୪୩ ୱିକେଟ୍ ଅକ୍ତିଆର କରିବା ସହ ଭାରତର ସର୍ବାଧିକ ୱିକେଟ୍ ହାସଲକାରୀଙ୍କ ମଧ୍ୟରେ ଆଗରେ ରହିଛନ୍ତି।

ବିଶ୍ୱ ଚେସ୍: ପୁଣି ଡ୍ର' ରଖିଲେ ଗୁକେଶ

ଜେନେଭା: ଚଳିତ ବିଶ୍ୱ ଚେସ୍ଟୁର୍ନାମେଣ୍ଟିଯୋଗିତାରେ ଭାରତୀୟ ଗ୍ରାଣ୍ଡମାଷ୍ଟର ତଥା ବିଶ୍ୱ ବିଜେତା ଡି ଗୁକେଶ ଚମତ୍କାର ରକ୍ଷଣାତ୍ମକ ଖେଳ ଜାରି ରଖିଛନ୍ତି। ପ୍ରତିଦ୍ୱନ୍ଦ୍ୱୀ ଉଜବେକିସ୍ତାନର ଜାଭୋଖିର ସିଦାରୋଭ ବିପକ୍ଷ ଏହି ଫାଇନାଲ୍‌ର ପ୍ରଥମ ଦୁଇ ଗେମ୍ ଭଳି ତୃତୀୟ ଗେମ୍ ମଧ୍ୟ ଡ୍ର'ରେ ଶେଷ ହୋଇଛି। ୬୦ ଚାଲ୍ ପରେ ଏହି ମ୍ୟାଚ୍ ଡ୍ର ରହିଥିଲା। ଫଳରେ ଉଭୟ ଖେଳାଳି ଏବେ ୧.୫-୧.୫ ପଏଣ୍ଟ ସମାନ ସ୍ଥିତିରେ ଅଛନ୍ତି। ଶନିବାର ଚତୁର୍ଥ ଗେମ୍ ଖେଳାଯିବ। ଏଥିରେ ଗୁକେଶ ଧଳା ଗୋଟିରେ ଖେଳିବେ।

ମୁମ୍ବାଇ ଇଣ୍ଡିଆନ୍ସର କ୍ୟାପ୍‌ଟେନ ହେଲେ ରୋହିତ ଶର୍ମା

ମୁମ୍ବାଇ,୨୭।୧୧: ସବୁ ଚର୍ଚ୍ଚା ଓ ଆଲୋଚନାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ମୁମ୍ବାଇ ଇଣ୍ଡିଆନ୍ସର କ୍ୟାପ୍‌ଟେନ ପଦକୁ ୩ ବର୍ଷ ପରେ ଫେରିଛନ୍ତି ରୋହିତ ଶର୍ମା। ଆଜି ଠିକ ୫.୪୫ରେ ମୁମ୍ବାଇ ଇଣ୍ଡିଆନ୍ସ ଏହି ଘୋଷଣା କରିଛି। ପ୍ରାଞ୍ଚାଇଜ ପକ୍ଷରୁ ରୋହିତ ଶର୍ମାଙ୍କ ଗୋଟିଏ ଭିଡିଓ ମଧ୍ୟ ଜାରି କରାଯାଇଛି। ଏଥିରେ ବେଶ ଫିଲ୍ମି ଷ୍ଟାଇଲେ ସମସ୍ତକୁ ଖୁସି ହେବାକୁ ଓ ହସିବାକୁ କହୁଛନ୍ତି।

୨୦୨୪ରେ ରୋହିତ ଶର୍ମାଙ୍କୁ କ୍ୟାପ୍‌ଟେନ ପଦରୁ ହଟାଇ ମୁମ୍ବାଇ ହାର୍ଦ୍ଦିକ ପାଣ୍ଡ୍ୟାକୁ କମାଣ ଧରାଇଥିଲା। କିନ୍ତୁ ୨୦୨୪ରୁ ୨୦୨୬ ଯାଏ ହାର୍ଦ୍ଦିକ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଚଳିତ ବର୍ଷର ମିନି ଅକ୍ସନ ପୂର୍ବରୁ ମୁମ୍ବାଇ ଓ ପଞ୍ଜାବ କିଙ୍ଗସ ମଧ୍ୟରେ ହୋଇଥିଲା ଟ୍ରେଡ ଡିଲ୍।

ମୁମ୍ବାଇ ହାର୍ଦ୍ଦିକଙ୍କୁ ପଞ୍ଜାବକୁ ଦେଇ ଦଳ ଠାରୁ ଦ୍ରୁତ ବୋଲର ଅର୍ଶଦୀପ ସିଂହଙ୍କୁ ଆଣିଛି। ହାର୍ଦ୍ଦିକଙ୍କ ବିଦାୟ ଯୋଗୁ ମୁମ୍ବାଇର କ୍ୟାପ୍‌ଟେନ ପଦ ଖାଲି ପଡ଼ିଥିଲା। ଏବେ ରୋହିତ ଶର୍ମା ପୁଣି ଅଧିନାୟକ ପଦ ପାଇଛନ୍ତି। ରୋହିତ ଶର୍ମା ୨୦୧୩ରେ ମୁମ୍ବାଇ ଟିମର ଅଧିନାୟକ ହୋଇଥିଲେ। ତାଙ୍କ ନେତୃତ୍ୱରେ ମୁମ୍ବାଇ ୫ଥର ଆଇପିଏଲ୍ ଟ୍ରଫି ଜିତିଥିଲା।

ତଥାପି ୨୦୨୪ରେ ହାର୍ଦ୍ଦିକଙ୍କୁ ଗୁଜରାଟରୁ ଆଣିବା ପରେ ରୋହିତଙ୍କୁ ଦଳ ଅଧିନାୟକ ପଦରୁ ହଟାଇ ଦେଇଥିଲା। ହାର୍ଦ୍ଦିକ ୨୦୨୨ ଓ ୨୦୨୩ରେ ଟାଇଟନ୍ସର ଅଧିନାୟକ ଥିଲେ।

୨୦୨୨ରେ ଗୁଜରାଟ ଚାମ୍ପିୟନ ମଧ୍ୟ ହୋଇଥିଲା। ୨୦୨୩ରେ ଦଳ ଫାଇନାଲକୁ ଯାଇଥିଲା। ଏହି ସଫଳତାକୁ ଦେଖି ତାଙ୍କୁ ମୁମ୍ବାଇ କ୍ୟାପ୍‌ଟେନ କରିଥିଲା। ହେଲେ ମୁମ୍ବାଇ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ମ୍ୟାନେଜମେଣ୍ଟ ବୁଝି ପାରିଥିଲା ଯେ ୨୦୨୪ ଆଇପିଏଲ ପୂର୍ବରୁ ରୋହିତ ଶର୍ମାଙ୍କ ସ୍ଥାନରେ ହାର୍ଦ୍ଦିକଙ୍କୁ କମାଣ ଧରାଇବା ନିଷ୍ପତ୍ତି ଭୁଲ ଥିଲା। ଏହାର ପ୍ରଭାବ ଦଳର ପ୍ରଦର୍ଶନ ଉପରେ ମଧ୍ୟ ପଡ଼ିଛି।



ତେଣୁ ଏବେ ପ୍ରାଞ୍ଚାଇଜ ସମାନ ଭୁଲ ଆଉ ଦୋହରାଇବାକୁ ଚାହୁଁନି। ତେଣୁ ରୋହିତଙ୍କୁ ପୁଣି କ୍ୟାପ୍‌ଟେନ କରାଯାଇଛି।

ତେବେ ପ୍ରାଞ୍ଚାଇଜର ଅଧିକାରୀ ୨୦୨୬ ମସିହା ଅକ୍ଟୋବର ମାସରେ ବୁମ୍ରାଙ୍କ ସହ କଥା ହୋଇଥିଲେ। କିନ୍ତୁ କ୍ୟାପ୍‌ଟେନ ପଦ ପାଇଁ ନୁହେଁ, ବରଂ ରୋହିତଙ୍କ ଡେପୁଟି ହେବାକୁ ତାଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଅର୍ଥାତ ତାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସର ଉପ ଅଧିନାୟକ ହେବାକୁ ଅକ୍ଟୋବର ପ୍ରଥମ ସପ୍ତାହରେ କୁହାଯାଇଥିଲା।

ହେଲେ ବୁମ୍ରା ବେଶ ନମ୍ର ଭାବେ ଏହି ପ୍ରସ୍ତାବକୁ ମନା କରି ଦେଇଥିଲେ। ହେଲେ ଏହା ପଛର କାରଣ ବୁମ୍ରା କିଛି ବି କହି ନାହାନ୍ତି। ୨୦୨୬ରେ ମୁମ୍ବାଇ ଇଣ୍ଡିଆନ୍ସର କାମଚଳା ଅଧିନାୟକ ତାଙ୍କୁ ଯେତେବେଳେ ତାଙ୍କୁ ମିଳିଥିଲା ସେତେବେଳେ ସେ କହିଥିଲେ ଯେ "ଏମଆଇର କ୍ୟାପ୍‌ଟେନ ହେବା ଆଗରୁ ମୁଁ କେବେ ବି ଭାବି ନଥିଲି ଯେ ଟେଷ୍ଟ କ୍ୟାପ୍‌ଟେନ ବନିବି।"

୨୦୧୩ରେ ୧୯ ବର୍ଷୀୟ ବୁମ୍ରା ମୁମ୍ବାଇ ପାଇଁ ଆଇପିଏଲରେ ଡେବ୍ୟୁ କରିଥିଲେ। ନିଜର ନିଆରା ବୋଲିଂ ଷ୍ଟାଇଲରେ ସେ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ଆଇପିଏଲର ୧୪ଟି ସଂସ୍କରଣ ଖେଳିଥିବା ବୁମ୍ରା ୧୮୭ଟି ୱିକେଟ ନେଇ ଜଣେ ପ୍ରମୁଖ ଖେଳାଳି ଭାବେ ନିଜକୁ ଉପସ୍ଥାପନ କରିଛନ୍ତି। ବୁମ୍ରା ଡିସେମ୍ବର ପ୍ରଥମ ସପ୍ତାହରେ ୩୨ ବର୍ଷ ବୟସରେ ପାଦ ଦେବେ। ଏପରି ସ୍ଥିତିରେ ସେ କେବେ କ୍ୟାପ୍‌ଟେନ ହେଉଛନ୍ତି, ତା' ଉପରେ ନଜର ରହିଛି।

ବାବା ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଖୋର୍ଦ୍ଧା, ୨୭।୧୧: ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳ ପଡ଼ିଆରେ ରାଇଜିଂ ଷ୍ଟାର୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବାବା ଲୋକନାଥ ଦେବ କ୍ରିକେଟ ଟର୍ଣ୍ଣାମେଣ୍ଟ ଉଦ୍ଘାଟିତ ହୋଇଯାଇଛି।ଆଜି ଉଦ୍ଘାଟନୀ ଦିବସ ରେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରୂପଶ୍ରୀରାଣୀ ଗୁମାନସିଂହ ଯୋଗ ଦେଇ ଟୁର୍ନାମେଣ୍ଟ କୁ ଉଦ୍ଘାଟନ କରିଥିଲେ।ସମ୍ମାନିତ ଅତିଥିଭାବେ କୁମାରବସ୍ତ ଗ୍ରାମ୍ୟ କମିଟି ର ସଦସ୍ୟ ସମାଜସେବୀ ସଞ୍ଜୟ ପାଇକରାୟ,ରାମଚନ୍ଦ୍ର ସାମନ୍ତରାୟ, ବନବିହାରୀ ସ୍ୱାଇଁ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ୍ ବିଙ୍କୁଡ଼ିଆ ବନାମ କଲ୍ୟାଣପୁର ମଧ୍ୟରେ ଖେଳାଯାଇଥିଲା।ଟସ ରେ ବିଜୟ ଲାଭ କରି ବୀଙ୍କୁଡ଼ିଆ ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା।ଦଳ ପ୍ରଥମେ ବ୍ୟାଟିଂ କରି ରିତେଶ ସାହୁଙ୍କ ୯୦ ରନ୍ ସହାୟତା ରେ ନିର୍ଦ୍ଧାରିତ ୧୦ ଓଭର ରେ ୧୨୪ ରନ୍ ର ବିଶାଳ ରନ୍ ସଂଗ୍ରହ କରିଥିଲା।ଜବାବ୍ ରେ କଲ୍ୟାଣପୁର ଦଳ ୧୦ ଓଭର ରେ ୪ ୱିକେଟ ହରାଇ ୧୦୭ ରନ୍ ସଂଗ୍ରହ କରି ୧୭ ରନ୍ ରେ ପରାସ୍ତ ହୋଇଥିଲା ୯୦ ରନ୍ ର ବିସ୍ଫରକ ଇନିଙ୍ଗସ ଖେଳିଥିବା ରିତେଶ ସାହୁ ମ୍ୟାନ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ।ସେହିପରି ଦ୍ୱିତୀୟ ମ୍ୟାଚ୍ ଛତାବର ବନାମ କୁରାଡ଼ ମଲ୍ଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଟସ୍ ରେ ବିଜୟ ଲାଭ କରି ଛତାବର ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭର ରେ ୮୦ ରନ୍ ସଂଗ୍ରହ କରିଥିଲା।ଜବାବ୍ ରେ ୧୦ ଓଭର ରେ ୭୩ ରନ୍ ସଂଗ୍ରହ କରି ୭ ରନ୍ ରେ ପରାସ୍ତ ହୋଇଥିଲା।ସେହିପରି ଅପରାହ୍ନ ରେ ପ୍ରଥମ କ୍ୱାର୍ଟର ଫାଇନାଲ ରେ ଛତାବର ଓ ବିଙ୍କୁଡିଆ ପରସ୍ପର କୁ ଭେଟିଥିଲେ।ଟସ୍ ରେ ବିଜୟୀ ହୋଇ ବୀଙ୍କୁଡିଆ ଦଳ ବ୍ୟାଟିଂ କରି ୧୦ ଓଭର ରେ ୯୧ ରନ୍ ସଂଗ୍ରହ କରିଥିଲା ଜବାବ୍ ରେ ଛତାବର ଦଳ ୯.୩ ଓଭର ରେ



୯୪ ରନ୍ ସଂଗ୍ରହ କରି ୭ ୱିକେଟ ରେ ବିଜୟ ଲାଭ କରି ସେମି ଫାଇନାଲ କୁ ଉନ୍ନୀତ ହୋଇଛି।ଆଜିର ମ୍ୟାଚ୍ କୁ ଅମ୍ପାୟାର ଭାବେ ସାନୁଜ ବିଶ୍ୱାଳ,ସୋଭାକର ପାତ୍ର ଝରର ଭାବେ ପ୍ରକାଶ କୁମାର ସାହୁ,ଦେବାଶିଷ ପରିଡ଼ା କାର୍ଯ୍ୟ ତୁଲାଇଥିଲେ।କାଜଲ ବଳିୟାରସିଂ ମ୍ୟାଚ୍ ରେଫରି ଭାବେ ରହିଥିଲେ। ୨୮/୧୧/୨୬ ଶନିବାର ପ୍ରଥମ ମ୍ୟାଚ୍ ପାନବରଜ ବନାମ ମେଣ୍ଢାଶାଳ ଓ ଦ୍ୱିତୀୟ ମ୍ୟାଚ୍ ନଂପୁଟ ବନାମ ଭାଲିଆବାଡ଼ି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅମରେନ୍ଦ୍ର ବରାଳ ଜଣାଇଛନ୍ତି।

ନ୍ୟୁଜିଲାଣ୍ଡରେ କ୍ଲବ୍ ମ୍ୟାଚ୍ ଖେଳିଲେ ପନ୍ତ

ଖ୍ରୀଷ୍ଟଚର୍ଚ୍ଚ: ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ୍ ପୂର୍ବରୁ ଭାରତୀୟ ୱିକେଟ୍‌କିପର ବ୍ୟାଟର ଋଷଭ ପନ୍ତ ଏକ କ୍ଲବ୍ ମ୍ୟାଚ୍‌ରେ ଖେଳି ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ଅନ୍ତର୍ଜାତୀୟ ଖେଳାଳିର ପରିଚୟ ନ ଦେଇ ସେ 'ଷ୍ଟାନ୍ ଷ୍ଟାନ୍' ନାମରେ ହାଗ୍‌ଲେ ପାର୍କରେ ଖେଳାଯାଉଥିବା ଲାଷ୍ଟ ମ୍ୟାନ୍ ଷ୍ଟଣ୍ଡସ ମ୍ୟାଚ୍‌ରେ ଓପନ୍ ହାଉସ୍ ସ୍ପିଙ୍ଗର୍ସ ପକ୍ଷରୁ ଖେଳିଥିଲେ। ଦ ଚୁଜେନ ୱାନସ ବିପକ୍ଷ ଏହି ମ୍ୟାଚ୍‌ରେ ସେ ୨୧ ବଲ୍‌ରୁ ୫୪ ରନ୍ କରି ଦଳକୁ ୧୬ ରନ୍‌ରେ ଜିତାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ୨୯ ବର୍ଷୀୟ ପନ୍ତଙ୍କ ଏହି ମ୍ୟାଚ୍ ଖେଳିବା ପଛରେ ଏକ ଅଜବ ଘଟଣା ରହିଛି। ପନ୍ତ ଏକ ଇଲେକ୍ଟ୍ରିକ୍ ବାଇକ୍‌ରେ ସହରରେ ବୁଲୁଥିଲା ବେଳେ ଓପନ୍ ହାଉସ୍‌ର ଖେଳାଳି ମହମ୍ମଦ ସାଫି ଦେଖିଥିଲେ। ଦଳରେ ଜଣେ ଖେଳାଳି କମ୍ ଥିବାରୁ ପନ୍ତଙ୍କୁ ସାଫି ଖେଳିବାକୁ ଅନୁରୋଧ କରିଥିଲେ। ପନ୍ତ ଏଥିରେ ରାଜି ହୋଇଥିଲେ। କିନ୍ତୁ ପନ୍ତଙ୍କୁ ଓପନ୍ ହାଉସର ଏକାଧିକ ଖେଳାଳି ଚିହ୍ନି ପାରି ନଥିଲେ। ବାଇଗେଣୀ ରଙ୍ଗର ଟ୍ରାକସୁଟ୍ ପିନ୍ଧି ପଡ଼ିଆକୁ ଆସିଥିଲେ। ଅନ୍ୟ ଖେଳାଳିଙ୍କଠୁ ଅବାଶ୍ୟକ କିଟ୍ ଉଧାର ଆଣିବା ସହ ଓ ସାଫିଙ୍କ ବ୍ୟାଟ୍ ନେଇ କ୍ରିଜ୍‌କୁ ଯାଇ ଛକା ଓ ଚୌକା ବର୍ଷା କରିଥିଲେ। ପନ୍ତ ହଟାତ୍ ଆସି ଖେଳିବା ଏବଂ ବିସ୍ଫୋରକ ବ୍ୟାଟିଂ କରି ଉଭୟ ଦଳର ମନ ଜିଣିଥିଲେ। ପନ୍ତଙ୍କ ଏଭଳି ପଦକ୍ଷେପକୁ ନ୍ୟୁଜିଲାଣ୍ଡ ଅଧିନାୟକ ଟମ୍ ଲାଥାମ୍ ପ୍ରଶଂସା କରିଛନ୍ତି।

ଏସିଆ କପ୍ ରାଇଜିଂ ଷ୍ଟାର୍ସରେ ଭାରତ ବିଫଳ

ଦୋହା: ଏସିଆ କପ୍ ରାଇଜିଂ ଷ୍ଟାର୍ସ ୨୦୨୬ରେ ଭାରତର ଅଭିଯାନ ଶେଷ ହୋଇଛି। ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ୍‌ରେ ଇଣ୍ଡିଆ ଏ'କୁ ୮ ୱିକେଟ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି ଶ୍ରୀଲଙ୍କା ଏ'। ଭାରତ ଦେଇଥିବା ୩୧୮ ରନ୍‌ର ବିଜୟ ଲକ୍ଷ୍ୟକୁ ଶ୍ରୀଲଙ୍କା ମାତ୍ର ୪୧.୩ ଓଭରରେ ୨ ୱିକେଟ୍ ହରାଇ ହାସଲ କରିନେଇଛି। ଲସିଥ କୁସପୁଲେ ଓ ସିନେଥ ଜୟବର୍ଦ୍ଧନେଙ୍କ ଶତକୀୟ ଇନିଂସ ଭାରତର ଫାଇନାଲ୍ ଆଶାକୁ ଧୂଳିସାତ୍ କରିଦେଇଛି।



ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ ଏ' ନିର୍ଦ୍ଧାରିତ ୫୦